
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୨ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 22 September 2024

Vol.No. 35 ■ No.254 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଫିଲାଡେଲଫିଆରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ମୋଦୀ: କ୍ୱାଡ୍ ସମ୍ମିଳନୀରେ ଯୋଗ ଦେବେ



ନୂଆଦିଲ୍ଲୀ, ୨୧/୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନି ଦିନିଆ ଆମେରିକା ଗସ୍ତରେ ପହଞ୍ଚିଛନ୍ତି । ଆମେରିକାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କ୍ୱାଡ୍ ଶିଖର ସମ୍ମିଳନୀରେ ଯୋଗ ଦେବେ । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ମଧ୍ୟ ହେବ । ଆମେରିକା ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଓ ବାଇଡେନଙ୍କ ମଧ୍ୟରେ ଅନେକ ବୁଝାମଣା ହୋଇପାରେ । ଏହାବ୍ୟତୀତ କର୍କଟ ରୋଗର ମୁକାବିଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇପାରେ । କ୍ୱାଡ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ୪ଟି ପ୍ରମୁଖ ଦେଶ ମଧ୍ୟରୁ ଭାରତର ପ୍ରଧାନମନ୍ତ୍ରୀ ହେଉଛନ୍ତି ଏକମାତ୍ର ନେତା ଯିଏ କି ଉଭୟ ୟୁକ୍ରେନ୍ ଏବଂ ରୁଷର ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି । ଆମେରିକା ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, କ୍ୱାଡ୍ ଶିଖର ସମ୍ମିଳନୀରେ ମୁଁ ମୋର ସାଥୀ ନେତା ରାଷ୍ଟ୍ରପତି ବାଇଡେନ୍, ପ୍ରଧାନମନ୍ତ୍ରୀ ମରିସନ୍ ଏବଂ ପ୍ରଧାନମନ୍ତ୍ରୀ ସୁଗାଙ୍କୁ ଭେଟିବାକୁ ଆଗ୍ରହୀ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ କାର୍ଯ୍ୟ କରୁଥିବା ସମଭାବାପନ୍ନ ଦେଶମାନଙ୍କର ଏକ ଅଗ୍ରଣୀ ଗୋଷ୍ଠୀ ଭାବେ ଏହି ମଞ୍ଚ ଉଭା ହୋଇଛି । ଭାରତ, ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ କ୍ୱାଡ୍‌ର ଅଂଶ ବିଶେଷ । ସୂଚନାଯୋଗ୍ୟ ଯେ କ୍ୱାଡ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ୪ଟି ପ୍ରମୁଖ ଦେଶ ମଧ୍ୟରୁ ଭାରତର ପ୍ରଧାନମନ୍ତ୍ରୀ ହେଉଛନ୍ତି ଏକମାତ୍ର ନେତା ଯିଏ କି ଉଭୟ ୟୁକ୍ରେନ୍ ଏବଂ ରୁଷର ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି ।

## ଓଡ଼ିଶାରେ ମଙ୍କିପକ୍ସ ସଂକ୍ରମିତ ନାହାନ୍ତି: ସ୍ପଷ୍ଟ କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୧/୯ (ନି.ପ୍ର): ଓଡ଼ିଶାରେ କୌଣସି ବ୍ୟକ୍ତି ମଙ୍କିପକ୍ସ ରୋଗରେ ଆକ୍ରାନ୍ତ ହୋଇନାହାନ୍ତି ବୋଲି ଆଜି ରାଜ୍ୟ ସରକାର ସ୍ପଷ୍ଟ କରିବା ସହ ଏହାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି । ଏହାକୁ ନେଇ ଭୟଭୀତ ନହେବା ମଧ୍ୟ ରାଜ୍ୟବାସୀଙ୍କୁ ସରକାର ପରାମର୍ଶ ଦେଇଛନ୍ତି । ରାଜ୍ୟରେ ସମ୍ଭାବ୍ୟ ମଙ୍କିପକ୍ସର ସଂକ୍ରମଣକୁ ନେଇ ଆଜି ମୁଖ୍ୟ ସଚିବ ମନୋଜ ଆହୁଜା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ଭୂତାଣୁଜନିତ ମଙ୍କିପକ୍ସ ରୋଗକୁ ନେଇ ରାଜ୍ୟବାସୀ କୌଣସି ଆଶଙ୍କା ନକରିବା ଓ ଭୟଭୀତ ନହେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି । ଓଡ଼ିଶାରେ ମଙ୍କିପକ୍ସ ରୋଗରେ ଅଦ୍ୟାବଧି କେହି ଜଣେବି ବ୍ୟକ୍ତି ସଂକ୍ରମିତ ହୋଇନାହାନ୍ତି । ମଙ୍କିପକ୍ସ ସଂକ୍ରମିତ ୧୪ଟି ଦେଶକୁ ଓଡ଼ିଶାରୁ ସିଧାସଳଖ ▶▶ପୃଷ୍ଠା ୭

## ଆସୁଛି ଆଉ ଏକ ଲଘୁଚାପ: ୨୩ରୁ ୨୫ ପ୍ରବଳ ବର୍ଷା !

ଭୁବନେଶ୍ୱର, ୨୧/୯ (ନି.ପ୍ର): ଆସୁଛି ଆଉ ଏକ ଲଘୁଚାପ । ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ତା' ଆଖପାଖ ଅଞ୍ଚଳରେ ଆଜି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଯାହା ଆସନ୍ତା ୨୩ ତାରିଖ ସୁଦ୍ଧା ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ରାଜ୍ୟରେ ବଢ଼ିବ ବର୍ଷାର ପରିମାଣ । ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ୨୩ ତାରିଖରେ କେତେକ ସ୍ଥାନରେ ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲା ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଏହାଛଡ଼ା ବଜ୍ରପାତ ସହ ଘଡ଼ଘଡ଼ି ହେବ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୪ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲା ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଏହାଛଡ଼ା ବଜ୍ରପାତ ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୫ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷ ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲା ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଏହାଛଡ଼ା ବଜ୍ରପାତ ସହ ଘଡ଼ଘଡ଼ି ହେବାରର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## 'ସୁଭଦ୍ରା' ପାଇଁ ୫୦ ଟଙ୍କା ନେଇ ବନ୍ଧା ହେଲେ ଜନସେବା କେନ୍ଦ୍ର ମାଲିକ




ରାଉରକେଲା, ୨୧/୯ (ନି.ପ୍ର): 'ସୁଭଦ୍ରା' ଫର୍ମ ପୂରଣ ପାଇଁ ମହଳାଙ୍କଠାରୁ ୫୦ ଟଙ୍କା ନେବା ମହଙ୍ଗା ପଡ଼ିଲା । ବନ୍ଧା ହେଲେ ଜନସେବା କେନ୍ଦ୍ର ମାଲିକ । ରାଉରକେଲା ପ୍ଲାଣ୍ଟ ସାଇଡ୍ ଥାନା ପୁଲିସ୍ ଜନସେବା କେନ୍ଦ୍ର ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ରାଉରକେଲା ମଧୁସୂଦନ ଛକରେ ରହିଛି ଗ୍ଲୋବାଲ୍ ଇଣ୍ଟରନେଟ୍ ସେଣ୍ଟର ନାମକ ଏକ ଜନସେବା କେନ୍ଦ୍ର । ସେହି ଜନସେବା କେନ୍ଦ୍ରର ମାଲିକ ହେଉଛନ୍ତି ବିଜୟ ସାହୁ । ଅଭିଯୋଗ ଅନୁସାରେ ରାଜ୍ୟ ସରକାରଙ୍କ ଲୋକପ୍ରିୟ ▶▶ପୃଷ୍ଠା ୭

## ଏୟାର ମାର୍ଶଲ ଅମର ପ୍ରୀତ ସିଂହ ହେବେ ବାୟୁସେନା ମୁଖ୍ୟ



ନୂଆଦିଲ୍ଲୀ, ୨୧/୯ : ଭାରତୀୟ ବାୟୁସେନାର ମୁଖ୍ୟ ହେବେ ଏୟାର ମାର୍ଶଲ ଅମର ପ୍ରୀତ ସିଂହ । ଆଜି ତାଙ୍କ ନିଯୁକ୍ତି ଉପରେ ଭାରତ ସରକାର ମୋହର ମାରିଛନ୍ତି । ବର୍ତ୍ତମାନ ଭାରତୀୟ ବାୟୁସେନାରେ ଏୟାର ମାର୍ଶଲ ଅମର ପ୍ରୀତ ଏୟାର ଷ୍ଟାଫର ଉପ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ଆଜି ସରକାର ତାଙ୍କୁ ଭାରତୀୟ ବାୟୁସେନାର ମୁଖ୍ୟ ଭାବେ ନିଯୁକ୍ତି ଦେଇଥିଲେ ହେଁ ଆସନ୍ତା ୩୦ ତାରିଖ ମଧ୍ୟାହ୍ନ ସମୟରେ ସେ ଦାୟିତ୍ୱ ଗ୍ରହଣ କରିବେ । ସେ ଏୟାର ମାର୍ଶଲରୁ ଏୟାର ଚିଫ ମାର୍ଶଲକୁ ପଦୋନ୍ନତି ପାଇବେ । ▶▶ପୃଷ୍ଠା ୭

## ଖୋଲିବ ରତ୍ନଭଣ୍ଡାର ରହସ୍ୟ: ଆଜି ହେଲା ପେନିଟ୍ରେଟିଂ ରାଡର ସର୍ଭେ



ପୁରୀ, ୨୧/୯ (ନି.ପ୍ର): ଖୋଲିବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ରହସ୍ୟ । ଗୁପ୍ତ କୋଠରୀ ଓ ସୁଡ଼ଙ୍ଗ ରହସ୍ୟ ଉନ୍ମୋଚନ ପାଇଁ ପ୍ରଥମ ଦିନରେ ସରିଛି ପେନିଟ୍ରେଟିଂ ରାଡର ସର୍ଭେ । ଉଭୟ ଭିତର ଓ ବାହାର ରତ୍ନ ଭଣ୍ଡାରରେ ହୋଇଛି ଜିପିଆର ସର୍ଭେ । ୩ ଘଣ୍ଟା ୫୦ ମିନିଟ୍ ଧରି ଏନ୍‌ଜିଆରଆଇର ତିନି ଜଣିଆ ବିଶେଷଜ୍ଞ ଟିମ୍ ଭିତର ରତ୍ନ ଭଣ୍ଡାରର ଚଟାଣ ଯାଞ୍ଚ କରିଛନ୍ତି । ଏହାର ରିପୋର୍ଟକୁ ଅଧାର କରି ହେବ ଭିତର ରତ୍ନଭଣ୍ଡାରର ମରାମତି । ପ୍ରାୟ ପ୍ରତି ଅଧ ମିଟର ଦୂରତା ଅନ୍ତରରେ ବାରମ୍ବାର ସର୍ବେକ୍ଷଣ କରାଯାଇଛି । ଦୁଇଟି କଣ୍ଟ୍ରୋଲ ୟୁନିଟ, ୩ଟି ରାଡର ୟୁନିଟ ବା ଆଣ୍ଟିନା ଓ ଗୋଟିଏ କାର୍ଟ ସର୍ଭେ କାର୍ଯ୍ୟରେ ବ୍ୟବହୃତ ହୋଇଛି । ତିନିଟି ଉଚ୍ଚ କ୍ଷମତା ସମ୍ପନ୍ନ ମେଶିନ (୨୦୦, ୪୦୦, ୯୦୦ ମେଗାହାର୍ଜ)ର ଆଣ୍ଟିନା ଦ୍ୱାରା ସର୍ଭେ କରାଯାଇଛି । ଏହି ଯନ୍ତ୍ରାଂଶ ମାଟି ଭିତରେ ୧୦ ମିଟର ପର୍ଯ୍ୟନ୍ତ ଜିନିଷକୁ ଠାବ କରିପାରିବାର କ୍ଷମତା ରଖିଥିବା ବେଳେ ପ୍ରାୟ ୭ ରୁ ୮ ମିଟର ଦୂରତା ପର୍ଯ୍ୟନ୍ତ ସଠିକ୍ ରିପୋର୍ଟ ଦେଇପାରିବ । ସେହି ରିପୋର୍ଟ ଆସିବା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ । ▶▶ପୃଷ୍ଠା ୭

## ମୁଖ୍ୟଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର, ୨୧/୯ (ନି.ପ୍ର): କୋଟିପତି ମୁଖ୍ୟଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ । ବାଲେଶ୍ୱର ରୁରାଲ ୱାର୍କସ ମୁଖ୍ୟଯନ୍ତ୍ରୀ ଏନ୍.ଭି ହରିହର ରାଓଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ । ଆୟ ବର୍ହିଭୂତ ସଂପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିବା ଜଣାଯାଇଛି । ଗତକାଲି ହରିହରଙ୍କ ପୈତୃକ ଘର, ଅଫିସ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଓ ଫୁଲବାଣୀରେ ଥିବା ଘର ସମେତ ମୋଟ ୧୧ଟି ସ୍ଥାନରେ ଚଢଉ କରିଥିଲା ଭିଜିଲାନ୍ସ । ଚଢ଼ଉ ବେଳେ ୨ଟି କୋଠା, ଗୋଟିଏ ଫ୍ଲାଟ୍ ଓ ୪ଟି ପ୍ଲଟ୍ ଓ ଦୁଇଟି ବେନାମୀ ଫ୍ଲାଟ୍ ଠାବ କରିଥିଲା ଭିଜିଲାନ୍ସ । ହରିହର ବ୍ୟାଙ୍କରେ ୧.୧୧ କୋଟି ଟଙ୍କା ଜମା ରଖିବା ସହ ତାଙ୍କର ଗୋଟିଏ ଚାରି ଚକିଆ ଓ ଗୋଟିଏ ଦୁଇ ଚକିଆ ଗାଡ଼ି ଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା । ସେହିପରି ତାଙ୍କ ଶଳାଙ୍କ ଘରୁ ନଗଦ ୪୬.୪୫ ଲକ୍ଷ ଟଙ୍କା ଜବତ କରିଥିଲା ଭିଜିଲାନ୍ସ । ହରିହର ଠୁଳ କରିଥିବା ସମ୍ପତ୍ତି ବାବଦରେ ଭିଜିଲାନ୍ସ ତାଙ୍କୁ ପଚରାଉଚରା କରିଥିଲା । ହେଲେ ସେ ସମସ୍ତ ସମ୍ପତ୍ତି ବିଷୟରେ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ । ଭିଜିଲାନ୍ସ ଆଜି ତାଙ୍କୁ ଗିରଫ କରିଛି ।

## କଂଗ୍ରେସ ସହିତ ହାତ ମିଶାଇ ସରକାର ଗଢ଼ିବ ବିଜେଡି: ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ



ଭୁବନେଶ୍ୱର, ୨୧/୯ (ନି.ପ୍ର): ଦରକାର ପଡ଼ିଲେ କଂଗ୍ରେସ ସହ ହାତ ମିଳେଇବ ବିଜେଡି । ଆଉ ରାଜ୍ୟରେ କରିବ ସରକାର । ଖୋଲା ମଞ୍ଚରେ ଏଭଳି ଚାଞ୍ଚଲ୍ୟକର ମନ୍ତବ୍ୟ ରଖିଛନ୍ତି ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ । ପାରାଦୀପର କୁଜଙ୍ଗରେ ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ କର୍ମୀଙ୍କୁ ଉଦବୋଧନ ଦେବା ଅବସରରେ ଦେବାଶିଷ କହିଥିଲା,... ୟା ଭିତରେ ଦିନେ ନବୀନ ବାବୁଙ୍କ ପାଖରେ ବସିଥିଲି । ପାଣ୍ଡିଆନ ବାବୁ ମଧ୍ୟ ଆସିଲେ । ସେ ଆସନ୍ତି, ଆମ ସାର୍ ଔଷଧ ଖାଇଛନ୍ତି ନା ନାହିଁ ଦେଖିବାକୁ । ସେତିକି ବେଳେ ମୁଁ ନବୀନ ବାବୁଙ୍କୁ କହିଲି ଯେ ଆପଣ ବାଇ-ଇଲେକ୍ସନ ପାଇଁ ପ୍ରସ୍ତୁତ ▶▶ପୃଷ୍ଠା ୭

## ବିଏମସି ସିଟି ଇଞ୍ଜିନିୟରଙ୍କ ଅଫିସ୍‌ରେ ପରିସ୍ରା କଲେ ଲୋକେ: ପ୍ରମାଣ ମାଗିଲେ ମେୟର

ଭୁବନେଶ୍ୱର, ୨୧/୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସିଟି ଇଞ୍ଜିନିୟରଙ୍କ ଅଫିସ୍‌ରେ ପରିସ୍ରା କଲେ ଶବର ସାହି ଲୋକ । ହେଲେ ଏହି ଘଟଣାକୁ ଖଣ୍ଡନ କରିଛନ୍ତି ବିଏମ୍‌ସି ମେୟର ସୁଲୋଚନା ଦାସ । ଏଥିସହ ପରିସ୍ରା କରିବାର ଭିଡିଓ ଅଛି କି ବୋଲି ପ୍ରମାଣ ମାଗିଛନ୍ତି ମେୟର । ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୱାର୍ଡ ନମ୍ବର-୪୫ର ଶବର ସାହି ଚିତ୍ର ଭୟଙ୍କର ରହିଛି । ଡ୍ରେନ୍ କାମ ଅଧାରେ ପଡ଼ିଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାରେ ପଡ଼ୁଛନ୍ତି । ନର୍ଦ୍ଦମା ପଣି ଘରେ ପଶୁଛି । ▶▶ପୃଷ୍ଠା ୭

## ମୋ ମନ୍ତବ୍ୟ ନେଇ ମିଥ୍ୟା ପ୍ରଚାର କରୁଛି ବିଜେପି: ରାହୁଲ



ନୂଆଦିଲ୍ଲୀ, ୨୧/୯ : ନିକଟରେ ଆମେରିକା ଗସ୍ତରେ ଯାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶିଖଙ୍କ ଉପରେ ଦେଇଥିବା ବିବୃତି ନେଇ ବିଜେପିକୁ ଟାର୍ଗେଟ କରିଛନ୍ତି । ବର୍ତ୍ତମାନ ରାହୁଲ ବିଜେପିକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ ବିଜେପି ତାଙ୍କ ମନ୍ତବ୍ୟକୁ ନେଇ ମିଥ୍ୟା ପ୍ରଚାର କରୁଛି । ଲୋକସଭାରେ ବିରୋଧୀଦଳର ନେତା ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସରେ ଏକ ପୋଷ୍ଟରେ ବିଜେପି ଉପରେ କଟାକ୍ଷ କରିଛନ୍ତି । ରାହୁଲ ଗାନ୍ଧୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି - ଆମେରିକାରେ ମୋର ମନ୍ତବ୍ୟକୁ ନେଇ ବିଜେପି ମିଥ୍ୟା ପ୍ରଚାର କରୁଛି । ମୁଁ ଭାରତ ତଥା ବିଦେଶରେ ରହୁଥିବା ପ୍ରତ୍ୟେକ ଶିଖ୍ ଭାଇ ଏବଂ ଭଉଣୀଙ୍କୁ ପଚାରିବାକୁ ଚାହେଁ ମୁଁ ଯାହା କହିଛି ସେଥିରେ କିଛି ଭୁଲ୍ ଅଛି କି ? ଭାରତ ଏପରି ଏକ ଦେଶ ହେବା ଉଚିତ୍ ଯେଉଁଠାରେ ପ୍ରତ୍ୟେକ ଶିଖ ଏବଂ ପ୍ରତ୍ୟେକ ଭାରତୀୟ ବିନା ଭୟରେ ନିଜ ଧର୍ମ ପାଳନ କରିପାରିବେ, ଏହା ଠିକ୍ କି ନାହିଁ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି । ରାହୁଲ ଗାନ୍ଧୀ ତାଙ୍କ ପୋଷ୍ଟରେ ଆହୁରି ଲେଖିଛନ୍ତି ସବୁଥର ପରି ବିଜେପି ମଧ୍ୟ ▶▶ପୃଷ୍ଠା ୭

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଆତିଶୀ

### ମୁଖ୍ୟମନ୍ତ୍ରୀ ହେବା ପରେ କେଜ୍ରିୱାଲଙ୍କ ପାଦ ଛୁଇଁଲେ ଆତିଶୀ



ନୂଆଦିଲ୍ଲୀ, ୨୧/୯ : ଆତିଶୀ ହେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ଆଜି ସେ ଦିଲ୍ଲୀର ଅଷ୍ଟମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ତାଙ୍କ ସହ କ୍ୟାବିନେଟର ଅନ୍ୟ ପାଞ୍ଚ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି । ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ମୁଖ୍ୟମନ୍ତ୍ରୀଙ୍କ ସମେତ କ୍ୟାବିନେଟ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ତେବେ ଆତିଶୀଙ୍କ ସହ କ୍ୟାବିନେଟର ପାଞ୍ଚ ମନ୍ତ୍ରୀ ଗୋପାଳ ରାୟ, କୈଳାଶ ଗେହଲଟ, ସୌରଭ ଭରଦ୍ୱାଜ, ଇମ୍ରାନ ହୁସେନ ଏବଂ ମୁକେଶ ଅହଲୱାତ ଶପଥ ନେଇଛନ୍ତି । ସୁଲତାନ ପୁର ମଜ୍ରାର ବିଧାୟକ ମୁକେଶ ଅହଲୱାତ କ୍ୟାବିନେଟର ନୂଆ ମନ୍ତ୍ରୀ ହୋଇ ଥିବାବେଳେ ଅନ୍ୟ ଚାରି ଜଣ ପୂର୍ବ ମନ୍ତ୍ରୀମଣ୍ଡଳରେ ଥିଲେ । ତେବେ ଦିଲ୍ଲୀ ସରକାରଙ୍କ କ୍ୟାବିନେଟରେ ୭ ଜଣ ସଦସ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୬ ଜଣ ସଦସ୍ୟ ଅଛନ୍ତି । କ୍ୟାବିନେଟରେ ସପ୍ତମ ସଦସ୍ୟ କିଏ ହେବେ, ସେନେଇ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇ ନାହିଁ । ସେହିପରି ପୂର୍ବ କ୍ୟାବିନେଟ ମନ୍ତ୍ରୀଙ୍କ ପଦ ବଜାୟ ରହିବ କି ନାହିଁ, ସେନେଇ ମଧ୍ୟ ସ୍ପଷ୍ଟ ହୋଇନାହିଁ । ପ୍ରକାଶ ଥାଉକି, ଦିଲ୍ଲୀ ଅବକାରୀ ନୀତି ଘୋଟାଲା ମାମଲାରେ ଗିରଫ ହୋଇଥିଲେ କେଜ୍ରିୱାଲ । ସେ ୬ ମାସ ଜେଲରେ ରହିବା ପରେ ସେପ୍ଟେମ୍ବର ୧୪ରେ ସୁପ୍ରିମକୋର୍ଟରୁ ଜାମିନ ପାଇଥିଲେ । ଏହା ପରଦିନ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ନେଇ ଘୋଷଣା କରିଥିଲେ । ▶▶ପୃଷ୍ଠା ୭

# ଅଣ ଧାନ ଫସଲ ସଚେତନତା ରଥର ଶୁଭାରମ୍ଭ

ଜୟପୁର, ୨୧/୯ (ନି.ପ୍ର): ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଏବଂ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୃଷକଙ୍କୁ ଅଣ ଧାନ ଫସଲ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ସଚେତନତା ରଥର ଶୁଭାରମ୍ଭ ହୋଇଅଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଶ୍ରୀ ତାପସ ଚନ୍ଦ୍ର ରାୟ, ସହକାରୀ କୃଷି ଅଧିକାରୀ ଅଇନି ବିଶୋଇ ଏବଂ କୁନ୍ଦ୍ରା ବ୍ଲକ ର ୮ ଟି ପଂଚାୟତର ସରପଂଚ ଓ ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ରହିଥିଲେ। ତତ ସହିତ ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ଅନିରୁଦ୍ଧ ବାରିକ, ରଂଜିତ ଦଳେଇ ଓ ନିରଞ୍ଜନ ଗୌଡ଼ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଂଚଳରେ ଫସଲ ବିବିଧୀକରଣ ଯୋଜନା ଦ୍ୱାରା ଚାଷୀଙ୍କୁ ତାଲିମ ଓ ଶିକ୍ଷା ପରିଭ୍ରମଣ ମାଧ୍ୟମରେ ଚାଷୀମାନଙ୍କର ବୃଦ୍ଧି, କୃଷକ ଉତ୍ପାଦକ ସଂଘ ଗଠନ ଦକ୍ଷତା ଓ ବଜାର ସଂଯୋଗୀକରଣ ଓ ଫସଲ ବିବିଧୀକରଣ ମାଧ୍ୟମରେ କୃଷକଙ୍କ ଆୟ ଓ ଦକ୍ଷତା ବୃଦ୍ଧି ହେବା ଦିଗରେ ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଗତ ତିନି ବର୍ଷ କୁନ୍ଦ୍ରା ବ୍ଲକ ରେ କାର୍ଯ୍ୟ କରିଅଛି। ଏହି ସଚେତନତା ରଥ ମାଧ୍ୟମରେ କୁନ୍ଦ୍ରା ବ୍ଲକ ରେ କାର୍ଯ୍ୟକାରୀ ହେଉଥିବା ଉଠା ଜଳ ସେଚନ ପ୍ରକଳ୍ପ ଅଂଚଳ ଯଥା କୁନ୍ଦ୍ରା, ବାଗଦେରି, ଡଙ୍ଗରପାଉଁଶି, ରାଣୀଗୁଡା ଓ ବାଣୁଆଗୁଡା ପଂଚାୟତର ଚାଷୀଙ୍କୁ ଅଣଧାନ ଫସଲ, ପନିପରିବା, ଡାଲିଜାତୀୟ, ଚିନା ବାଦାମ, ମାଣ୍ଡିଆ ଭଳି ଫସଲ ଚାଷ କରିବା ଓ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଲାଭ କରିବାକୁ ଗୀତ ମାଧ୍ୟମରେ ପ୍ରଚାର କରାଯିବ।

# ପୁରୀରେ ଅକ୍ଟୋବର ୧୮ରୁ ହେବ ଜାତୀୟ ତୀରନ୍ଦାଜ ଟୁର୍ଣ୍ଣାମେଂଟ

ପୁରୀ, ୨୧/୯ (ନି.ପ୍ର): ପୁରୀ ଜଗନ୍ନାଥ ଷ୍ଟାଡିୟମ ଠାରେ ୪ ର୍ଥ ଏନଟିପିସି ଜାତୀୟ ରାଙ୍କିଂ ତୀରନ୍ଦାଜ ଟୁର୍ଣ୍ଣାମେଂଟ ଅକ୍ଟୋବର ୧୮ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି।ଏହି ଟୁର୍ଣ୍ଣାମେଂଟ କୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୁରୀ ରେ ଜାତୀୟ ତୀରନ୍ଦାଜ ଟୁର୍ଣ୍ଣାମେଣ୍ଟ ର ଆୟୋଜନ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ପ୍ରଶାସନ ଓ କ୍ରୀଡା ବିଭାଗ ପକ୍ଷରୁ ସହଯୋଗ ଦେବାକୁ ସେ ସୂଚନା ଦେଇଥିଲେ। ବିଭିନ୍ନ ବିଭାଗର ସମନ୍ୱୟ ରେ ଏହା ଯେପରି ଭଲ ଭାବରେ ଆୟୋଜିତ ହେବ ସେଥିପାଇଁ ସେ ବିଭାଗୀୟ ଅଧିକାରୀ ମାନ ଙ୍କୁ ପରାମର୍ଶ ଦେଇଥିଲେ। ଓଡିଶା ତୀରନ୍ଦାଜ ଆସୋସିଏସନର ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ବିସ୍ତୃତ ସୂଚନା ଦେଇ ସିନିୟର, ଜୁନିୟର ଓ ସବ ଜୁନିୟର ସ୍ତରରେ ଏହି ଟୁର୍ଣ୍ଣାମେଂଟଆୟୋଜନ ହେବ ଓ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ ମଧ କରାଯିବ ବୋଲି କହିଥିଲେ। ଯେହେତୁ ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀ ମାନେ ଆସିବେ ସେଥିପାଇଁ ସୁରକ୍ଷା, ଶୃଙ୍ଖଳା ରକ୍ଷା, ସ୍ୱଚ୍ଛତା, ଟ୍ରାଫିକ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ସିଡିଏମଓ ଡା ରୂପଭାନୁ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ରାମଚନ୍ଦ୍ର ଦାସମହାପାତ୍ର , ଓଡ଼ିଶା ତୀରନ୍ଦାଜ ଆସୋସିଏସନ ର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, କୋଷାଧ୍ୟକ୍ଷ ସୌରଜିତ ସିଂ,କାର୍ଯ୍ୟକାରୀ କମିଟି ସଦସ୍ୟ ଜିତେନ୍ଦ୍ର ନାଥ ଦାସ, ଶ୍ରଦ୍ଧାନନ୍ଦ ଦାସ,ମଳୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

# ଆଇଟିସି ମିଶନ ସୁନେହରାକଲ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ମାଲକାନଗିରି, ୨୧/୯ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ବଦିଲି ପଂଚାୟତ ସଦର ମହକୁମାରେ ଆଇଟିସି ମିଶନ ସୁନେହରାକଲ ସହଯୋଗରେ ଆଇଜିଡି, ଗ୍ରୀନ୍ କ୍ରସ, ପ୍ରଥମ ଏନଜିଓ ସହ ପଂଚାୟତ ପ୍ରସାଶନ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଓଡିଶା ଜିବିକା ମିଶନ ଓ ମିଶନ ଶକ୍ତି ର ମିଳିତ ସହଯୋଗରେ ଆଜି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆଇଟିସି ମିଶନ ସୁନେହରାକଲ ର ଭଦ୍ରାଚଲମ ମୁଖ୍ୟ ଜୟପ୍ରକାଶ ରାମସ୍ୱାମୀ ଉପସ୍ଥିତ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା କିଶୋରୀ ସ୍ୱାସ୍ଥ୍ୟ ତଦାରଖ ଅଧିକାରୀଣୀ, ଆଇସିଡିଏସ ସୁପରଭାଇଜର, ବଦଲି ପଂଚାୟତ ସରପଂଚ ଦୀନବନ୍ଧୁ ବାବୁ, ପଂଚାୟତ ସମ୍ପ୍ରସାରଣ ଅଧିକାରୀ ଭାଗ୍ୟ ବର୍ମନ ପ୍ରମୂଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ପ୍ରଥମେ ବଦଲି ପଂଚାୟତରୁ ଏକ ରାଲି ବାହାରି ଗ୍ରାମ ମଧ୍ୟ ହୋଇ ପୁଣି ପଂଚାୟତରେ ଶେଷ ହୋଇଥିଲା। ଏହାପରେ ପୂର୍ବରୁ ଚିହ୍ନଟ ଏକ ବ୍ଲାକ ସ୍ପଟ କୁ ସାମୂହିକ ଭାବେ ସଫେଇ କରି ସଫେଇ ସ୍ଥାନରେ ବୃକ୍ଷ ରୋପଣ କରିଥିଲେ। ତାପରେ ପଂଚାୟତ ସମ୍ମିଳନୀ କକ୍ଷରେ ଏକ ବୈଠକ କରିଆରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଓ ଗାନ୍ଧିଜୀଙ୍କ ସ୍ୱାଧୀନତା ସହ ସ୍ୱଚ୍ଛତାକୁ ନେଇ ରଖିଥିବା ମହତ୍ ଚିନ୍ତାଧାରା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

# ପ୍ରଧାନଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ: ବଦଳି ଦାବିରେ ଛାତ୍ର ଛାତ୍ରୀ ଓ ଅଭିଭାବକ ସ୍କୁଲ୍ ଫାଟକରେ ତାଲା ପକାଇଲେ

ଘଟଗାଁ, ୨୧/୯ (ନି.ପ୍ର): ପ୍ରଧାନ ଶିକ୍ଷୟିତ୍ରୀ ଜୋସ୍ନାରାଣୀ ବରାଳଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ବଦଳି ଦାବିରେ ଛାତ୍ର ଛାତ୍ରୀ ଓ ଅଭିଭାବକ ସ୍କୁଲ୍ ଫାଟକ ରେ ତାଲା ପକାଇ ଧାରଣା ଦେଇଥିବା ଜଣାପଡିଛି । ସୂଚନାରୁ ପ୍ରକାଶ, ଘଷିପୁରା ବ୍ଲକ୍ ଅନ୍ତର୍ଗତ ପୁରୁଣା ବାନ୍ଧଗୋଡ଼ା ବଳରାମ ଧୀର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୋସ୍ନାରାଣୀ ବରାଳ ୩ ବର୍ଷ ହେଲା ଉକ୍ତ ବିଦ୍ୟାଳୟର ଯୋଗ ଦେବା ପରେ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା ଦେଖା ଦେବା ସହ ମନମୁଖୀ କାର୍ଯ୍ୟ କରୁଥିବାର ଅଭିଯୋଗ, ବିଦ୍ୟାଳୟ ଚାଲିବା ସମୟରେ ତାଲା ପକାଇବା, ଗଣେଶ ପୂଜା ସହିତ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମରେ ସହ ଯୋଗ ନ କରିବା, ମଧ୍ୟାହ୍ନ ଭୋଜନ ରୋଷାଇରେ ହେରଫେର କରିବା ଭଳି ଦେଢ଼ ବର୍ଷ ପୂର୍ବେ ସଙ୍ଗୀନ ଅଭିଯୋଗ ଘସିପୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପୋଧନ ସ୍ୱାଇଁଙ୍କ ନିକଟକୁ ଆସିଥିଲା ବହୁ କଷ୍ଟରେ ଏହାର ଏକ ଆପୋଷ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ହେଲେ ବି ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୋସ୍ନାରାଣୀ ବରାଳ ନିଜ କାର୍ଯ୍ୟରେ ଓ ସ୍ୱଭାବରେ ପରିବର୍ତ୍ତନ ଆଣି ନଥିବାରୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଏହି ମନମୁଖୀ କାର୍ଯ୍ୟକୁ ବିରୋଧ ଶୁକ୍ରବାର ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଅଭିଭାବକ ଫାଟକରେ ତାଲା ପକାଇ ଧାରଣାରେ ବସିବା ସହିତ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ଖବର ପାଇ ଘଷିପୁରା ତହସିଲଦାର ନୀଳକଣ୍ଠ ବେହେରା ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂ, ଘଷିପୁରା ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଂଚି ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କୁ ବୁଝା ସୁଝା କରିବା ସହ ଆସନ୍ତା ୨୪ ଘଂଟା ମଧ୍ୟରେ ବଦଳି ନିର୍ଦ୍ଦେଶ ପାଇଁ ସୁପାରିଶ କରିବେ ବୋଲି ପ୍ରତିଶୃତି ଦେବା ପରେ ଛାତ୍ର ଛାତ୍ରୀ ମାନେ ଧାରଣାରୁ ହଟିଯାଇଥିଲେ । ସ୍କୁଲ ଚେୟାରମ୍ୟାନ ଦେବବ୍ରତ ପଟ୍ଟନାୟକ, ନାରାୟଣ ଚନ୍ଦ୍ର ଧୀର, ରତିକାନ୍ତ ବରାଳ,ପୂର୍ବତନ ସରପଂଚ ପ୍ରଦୀପ ଧୀର, ପୂର୍ବତନ ସରପଂଚ ବୈଷ୍ଣବ ସେନାପତି, ସନ୍ତୋଷ କୁମାର ଧୀର ପୁରାତନ ଛାତ୍ର ଆଶୁତୋଷ ମାଝୀ, ସୁକାନ୍ତ ଜେନା, ରାମଚନ୍ଦ୍ର ବିନ୍ଧାଣି, ଗୋବିନ୍ଦ ମଲିକ, ଗତିକୃଷ୍ଣ ଧୀର, ପାପୁନ ମାଝୀ, ଅମୂଲ୍ୟ ମାଝୀ, ଲକ୍ଷ୍ମୀଧର ପଣ୍ଡା, ଗୁଲୁ ଦାସ, ଜୟନ୍ତ ପଟ୍ଟନାୟକ ପ୍ରମୁଖ ଧାରଣା ସ୍ଥଳରେ ଉପସ୍ଥିତ ଥିଲେ।

# ସମନ୍ୱିତ ରୋଗ, ପୋକର ନିୟନ୍ତ୍ରଣ ଓ ପୋଷକତତ୍ତ୍ୱର ପ୍ରୟୋଗ ଉପରେ ତାଲିମ୍ କାର୍ଯ୍ୟକ୍ରମ

ଜୟପୁର, ୨୧/୯ (ନି.ପ୍ର): ଜୟପୁର ସ୍ଥିତ ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଓଡିଶା ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ସହାୟତାରେ ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ କୋରାପୁଟ ଜିଲ୍ଲା ର ବୈପାରୀଗୁଡା ବ୍ଲକ ଓ ନବରଙ୍ଗପୁର ଜିଲ୍ଲା ର କୋଷଗୁମୁଡା ବ୍ଲକ ରେ କାର୍ଯ୍ୟ କରିଆସୁଛି। ଏହି ପ୍ରକଳ୍ପ ମାଧ୍ୟମରେ ସମନ୍ୱିତ ରୋଗ, ପୋକର ନିୟନ୍ତ୍ରଣ ଓ ପୋଷକତତ୍ତ୍ୱର ପ୍ରୟୋଗ ଉପରେ ୪ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଅଛି। ଉକ୍ତ ତାଲିମ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ର ବୈପାରୀଗୁଡା ବ୍ଲକ ଓ ନବରଙ୍ଗପୁର ଜିଲ୍ଲା ର କୋଷଗୁମୁଡା ବ୍ଲକର ପାଖାପାଖି ୨୦୦ ଜଣ ଚାଷୀ ଅଂଶଗ୍ରହଣ କରିଛନ୍ତି। ଶ୍ରୀ ଏମ. ଭେଙ୍କଟ ରେଡି, ଅବସରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତାଲିମଦାତା ଭାବରେ ଯୋଗ ଦେଇଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଶ୍ରୀ ରେଡି ଚାଷୀମାନଙ୍କୁ ଜୈବିକ ମାଧ୍ୟମରେ ରୋଗ, ପୋକ ନିୟନ୍ତ୍ରଣ କରିବା ସହିତ ସନ୍ତୁଳିତ ସାରର ପ୍ରୟୋଗ ଉପରେ ବିଶେଷ ଭାବରେ ଆଲୋଚନା କରିଥିଲେ। ତତ ସହିତ ସେ ଗବର ଖତ, ଜିଆଖତା, ସବୁଜ ସାର, ଜୈବିକ ସାର, ମିଶ୍ରିତ ଫସଲ, ମାଟି ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇ ଚାଷୀ ମାନଙ୍କୁ ରାସାୟନିକ ସାରାର ପ୍ରୟୋଗ ଦ୍ୱାରା ମାଟି ମା ଓ ମନୁଷ୍ୟ ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ପ୍ରତିଷ୍ଠାନ ହାତକୁ ନେଇଥିବା ଏହି ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅଂଶଗ୍ରହଣକାରୀଙ୍କୁ ବୁଝାଇବା ସହିତ ଚାଷୀମାନଙ୍କୁ ଜୈବିକ ଉପାୟରେ ଚାଷ କରିବାକୁ କହିଥିଲେ।

# ଜୟପୁର ସହରରେ ଲାଗିଲା ୧୨୦ ସିସି ଟିଭି

ଜୟପୁର, ୨୧/୯ (ନି.ପ୍ର): ଜୟପୁର ସହରରେ ଲାଗିଲା ସିସି ଟିଭି । ଆଜି ଅପରାହ୍ନ ୨ଟାରେ ଜୟପୁର ଟାଉନ ଥାନା ପରିସରରେ ସିସି ଟିଭି କଣ୍ଟ୍ରୋଲ ରୁମ ଉଦଘାଟନ ହୋଇଛି । ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଓ ପଶ୍ଚିମାଂଚଳ ଡିଆଇଜି ଚରଣ ସିଂ ମିନା ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କୋରାପୁଟ ଏସପି ଅଭିନଭ ସୋନାକାର, ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା ଉପସ୍ଥିତ ରହିଥିଲେ । ଜୟପୁର ସହରର ବିଭିନ୍ନ ଛକରେ ୧୨୦ଟି ସିସି ଟିଭି ଲଗାଯାଇଛି । ଅତ୍ୟାଧୁନିକ ସିସି ଟିଭି ଲଗାଯାଇଛି । ଅସମାଜିକ ବ୍ୟକ୍ତି ଓ ଅପରାଧିକ ଙ୍କ ଉପରେ ନଜର ରଖିବା ପାଇ ଏପରି ବ୍ୟବସ୍ଥା କରାଯାଇଛି । ଜୟପୁର ବାସୀ ସୁରକ୍ଷା , ଅପରାଧିଙ୍କ ଉପରେ ନଜର ରଖିବା, ଅପରାଧକୁ ନିୟନ୍ତ୍ରଣ କରିବା ପାଇ ଏପରି ବ୍ୟବସ୍ଥା କରାଯାଇଛି । ୨୪ ଘଣ୍ଟା ପୋଲିସର ନଜରରେ ରହିବ ବୋଲି ଡିଆଇଜି ଚରଣ ସିଂ ମିନା ସୁଚନା ଦେଇଛନ୍ତି । ଜୟପୁର ପୌରପାଳିକା, ଚାମ୍ବର ଅଫ କର୍ମସ ଓ ପୋଲିସର ମିଳିତ ଉଦ୍ୟମରେ ସହରର ବିଭିନ୍ନ ଛକ , ଗହଳ. ପ୍ରବେଶ ପଥ ସ୍ଥାନରେ ସିସି ଟିଭି ଲଗାଯାଇଛି । ସହରରେ ଅପରାଧ ଘଟିଲେ ସିସି ଟିଭି ମାଧ୍ୟମରେ କାବୁ କରିବା ପାଇ ପୋଲିସ ଉଦ୍ୟମ କରିବ ବୋଲି ଏସପି ଅଭିନବ ସୋନାକାର ସୁଚନା ଦେଇଛନ୍ତି । ଏହି ସିସି ଟିଭିର ମେଂଟେନାନ୍ସ ଦାୟିତ୍ୱ ପୌରପାଳିକାକୁ ଦିଆଯିବ ବୋଲି ଡିଆଇଜି ସୁଚନା ଦେଇଛନ୍ତି। ଏହି ଉଦଘାଟନ କାର୍ଯ୍ୟକ୍ରମରେ ପୌର ନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର , ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ମହିଳା ଥାନା ଅଧିକାରି ଅନିତା କୁଜୁର, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ଙ୍କ ସହ ଚାମ୍ବାର ଅଫ କର୍ମର୍ସର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଘସିପୁରା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ନିଆଁ ଲାଗି ନଥିପତ୍ର ପୋଡି ପାଉଁଶ

ଘଟଗାଁ, ୨୧/୯ (ନି.ପ୍ର): ଘସିପୁରା ଠାରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଶୁକ୍ରବାର ନିଆଁ ଲାଗିଯାଇଛି । ସୂଚନାରୁ ଜଣାଯାଏ, କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ସମ୍ମୁଖରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଶୁକ୍ରବାର ଭୋର ୪ଟା ସମୟରେ ହଠାତ୍ ନିଆଁ ଲାଗି ଯାଇଥିଲା । ଏହା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନିକଟରେ ଥିବା ପଡ଼ୋଶି ଜାଣିବା ପରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଖବର ଦେବା ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ଦମକଳ ବାହିନୀ ପହଂଚି ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଥଲେ । ଚାରିଆଡ଼ ଧୂଆଁମୟ ହୋଇଯାଇଥିଲା । ରାସ୍ତାଘାଟ ବନ୍ଦ ହୋଇଯାଇଥିଲା । ତେବେ କେଉଁ କାରଣରୁ ନିଆଁ ଲାଗିଲା ଏ ପର୍ଯ୍ୟନ୍ତ ଜଣାପଡିନଥିବା ବେଳେ ବ୍ୟାଙ୍କ ଶାଖାରେ ଥିବା କଂପୁଟର ଦରକାରୀ କାଗଜପତ୍ର ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି ଓ ୯ଟି ଦମକଳବାହିନୀ ଦଳ ଲାଗିଥିବା ବେଳେ ସ୍ଥାନୀୟ ପୋଲିସ ଭାଇମାନଙ୍କ ସହଯୋଗରେ ୨ ଘଂଟା ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ କରିବା ସମ୍ଭବ ହୋଇଥିଲା । ଏହି ନିଆଁ ଲିଭା କାର୍ଯ୍ୟରେ ଆନନ୍ଦପୁର, ଘସିପୁରାର ଅଗ୍ନିସମ ବାହିନୀ ସହଯୋଗ କରିଥିଲେ । ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ବେଳେ ସମସ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ଥାଇ ମଧ କୌଣସି କାମରେ ଲାଗି ନଥିବା ଦେଖିବାକୁ ମିଳିଛି । ଏତେ ବଡ଼ ବ୍ୟାଙ୍କରେ ନିଆଁ ଲାଗି ଅଗ୍ନିସମ ବାହିନୀ ନାକେଦମ ହୋଇଯାଇଥିଲେ । ଦ୍ୱିତୀୟ ମହଲାରେ ଅଗ୍ନିକାଣ୍ଡ ଘଟିଥିଲା। କୌଣସି କର୍ମଚାରୀଙ୍କର କ୍ଷତି ହୋଇ ନଥିବା ଜଣାପଡିଛି।

# ସ୍ୱଚ୍ଛତା ହିଁ ସେବା ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି, ୨୧/୯ (ନି.ପ୍ର): ସେପଟ୍ଟେମ୍ବର ୨୦ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଏଥି ପାଇଁ ଆଜି କାଲିମେଳା ପଂଚାୟତ ସମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ ଅଧକ୍ଷା ସୁବାସିନୀ ସୋଡ଼ି ଅଧକ୍ଷତା କରିଥିବାବେଳେ ବି ଡ଼ିଓ ପ୍ରଦୀପ କୁମାର କର,ସଡିପିଓ ଅନ୍ନପୂର୍ଣ୍ଣା ବୁରୁଦା, ବ୍ଲକ ଉପାଧକ୍ଷ ଲକ୍ଷ୍ମୀଧର ମାଡକାମୀ, ଜିଲ୍ଲା ପରିଷଦ ସଭ୍ୟା ମମତା ପଡ଼ିଆମୀ, ଏବିଡିଓ ବସନ୍ତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଏଥି ସହିତ ବଜାର କମିଟି, ବିଭିନ୍ନ ଯୁବକ ସଂଘ ଓ ସମସ୍ତ ପଂଚାୟତର ସରପଂଚ ଓ ସମିତିସଭ୍ୟମାନେ ମଧ ଯୋଗଦେଇଥିଲେ । ଆସନ୍ତା ରବିବାର ଦିନ ଠାରୁ କାଲିମେଳା ବ୍ଲକରେ ସଫେଇ କାମ ଆରମ୍ଭ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । କାଲିମେଳା ସହର ଚାରିପଟେ ଥିବା ଅଳିଆ ଆବର୍ଜନା ସବୁ ଉଠାଯିବା ସହିତ ଅଳିଆ ଆବର୍ଜନା ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ବିଶେଷ କରି ମେଡିକାଲ ନିକଟସ୍ଥ ମୁଖ୍ୟ ରାସ୍ତା, ତହସିଲ କାର୍ଯ୍ୟାଳୟ ଯିବାକୁ ଥିବା ରାସ୍ତା, ଜଗନ୍ନାଥ ମନ୍ଦିର ନିକଟ, ଷ୍ଟେଟବ୍ୟାଙ୍କ ନିକଟରେ ଦୋକାନୀମାନେ କୁଢ଼ କୁଢ଼ ଆବର୍ଜନା ପକାଇ ଦେଉଥିବାରୁ ପରିବେଶ ଦୂଷିତ ହେଉଥିବାର ଅଭିଯୋଗ ହୋଇଛି । ଡ୍ରେନରେ ପଇଡ଼ ଖୋଳ, ଚା କପ, ଗୁଟଖା କରି, ଟିଫିନ କରି ପାଣି ବୋତଲ ପକାଯାଉଥିବାରୁ ବର୍ଷା ଦିନେ ଡ୍ରେନ ରେ ପାଣି ନ ଯାଇ ରାସ୍ତା ଉପରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି । ଫଳରେ ବର୍ଷା ଦିନେ ରାସ୍ତା ସାରା ଅଳିଆ ଆବର୍ଜନାରେ ଭର୍ତି ହୋଇଯାଉଛି । ତେଣୁ ଏଥି ପାଇଁ ଦୋକାନୀ ଓ ଜନସାଧାରଣ ମାନଙ୍କୁ ସଚେତନ କରାଯିବାପାଇଁ ପ୍ରସ୍ତାବ ଆସିଥିଲା । ସଚେତନ ନହେଲେ ଯେଉଁମାନେ ରାସ୍ତାଘାଟ ଓ ଡ୍ରେନ ଓ ଏଣେତେଣେ ଅଳିଆଆବର୍ଜନା ପକାଇବେ ସେମାନଙ୍କ ପାଇଁ ଫାଇନ ଦେବାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଥିବା ଅଳିଆ ଉଠାଇବା ଗାଡ଼ି ଛୋଟ ହୋଇଯାଉଥିବାରୁ ଆଉ ଏକ ବଡ଼ ଗାଡ଼ି ଅଣାଯିବାକୁ ପ୍ରସ୍ତାବ ରହିଛି ବୋଲି ବିଡ଼ିଓ କହିଥିଲେ । ଏହାଦ୍ୱାରା କାଲିମେଳା ସହରରେ ଥିବା ଅଳିଆ ଆବର୍ଜନାକୁ ସହଜରେ ଉଠାଇ ଅନ୍ୟତ୍ର ପକାଇବାର ବ୍ୟବସ୍ଥା କରାଯାଇପାରିବ । ଏଥି ସହିତ ପତି ପଂଚାୟତରେ ମଧ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଏଥିରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ବିଡ଼ିଓ କହିଥିଲେ । ତେଣୁ ଧୀରେ ଧୀରେ ଲୋକମାନଙ୍କ ମାନସିକତାକୁ ପରିବର୍ତନ କରାଯାଇପାରିଲେ ପରିବେଶ ସଫା ରହିପାରିବ ବୋଲି କୁହାଯାଇଥିଲା ।

# ତୋଷାଳୀ ଇନ୍ଧନ ଗ୍ୟାସକୁ ନେଇ ଗ୍ରାହକ ଅସନ୍ତୋଷ : ଆନ୍ଦୋଳନ ଚେତାବନୀ

ଧର୍ମଶାଳା, ୨୧/୯ (ନି.ପ୍ର): ବିଭିନ୍ନ ଗ୍ୟାସ କମ୍ପାନୀ ଗ୍ରାହକମାନଙ୍କୁ ଉତମ ସେବା ଯୋଗାଇ ଦେବାକୁ ପ୍ରତିଶୃତି ଦେଉଛନ୍ତି । ସମସ୍ତ କମ୍ପାନୀ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେବା ଯୋଗାଇ ଦେଉଛନ୍ତି । କିଛି ଦିନ ପରେ ଗ୍ରାହକମାନଙ୍କୁ ଶୋଷଣ କରିବା ସହ ହଇରାଣ ହରକତ କରୁଥିବା ଦେଖିବାକୁ ମିଳିଛି । ଫଳରେ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କମ୍ପାନୀ ବିରୋଧରେ ସ୍ୱର ଉଠାଇଛନ୍ତି ଗ୍ରାହକ। ଅନ୍ୟପକ୍ଷରେ ସରକାର ଗ୍ରାହକମାନଙ୍କୁ ଉନ୍ନତ ସେବା ଯୋଗାଇ ଦେବା ନେଇ ପ୍ରଚାର ପ୍ରସାର କରୁଛନ୍ତି, କିନ୍ତୁ ବାସ୍ତବରେ ତାହା ପ୍ରଚାରରେ ସୀମିତ ରହୁଛି । ଗ୍ୟାସ କମ୍ପାନୀକୁ ନେଇ ଯାଜପୁର ଜିଲାରେ ଗ୍ରାହକ ଅସନ୍ତୋଷ ହେବାର ଦେଖିବାକୁ ମିଳିଛି । ଯାଜପୁର ଜିଲାରେ ୧ ବର୍ଷ ପୂର୍ବ ବିଭିନ୍ନ ବ୍ଲକରେ ଗ୍ରାମୀଣ ବିତରଣ କେନ୍ଦ୍ର କରି ଥିଲା ତୋଷାଳୀ ଇନ୍ଧନ ଗ୍ୟାସ କମ୍ପାନୀ । ଗ୍ରାହକମାନଙ୍କୁ ବିଭିନ୍ନ ଲୋଭନୀୟ ଯୋଜନା ଦେଖାଇ ସେମାନଙ୍କୁ ଗ୍ରାହକ କରାଇ ସେମାନଙ୍କ ଠାରୁ ୯ ହଜାର ୫ଶହ ଟଙ୍କା ନେଇଛି । ଗ୍ରାହକଙ୍କୁ ଗୋଟିଏ ଟାଙ୍କି, ଚୂଲା, ଲାଇଟର, ରେଗୁଲେଟର ଓ ପାଇପ ଯୋଗାଇ ଦେଇଥିଲା । ପ୍ରଥମ ୩ ମାସ ଲୋକଙ୍କ ଖାତାକୁ ସବସିଡ ଆସିଲା । ଏବେ ଜିଲାର ବିଭିନ୍ନ ବ୍ଲକରେ ଗାହକମାନଙ୍କୁ ଗ୍ୟାସ ଯୋଗାଇ ଦିଆଯାଉନାହିଁ । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଅନେକ ସ୍ଥାନରେ ଥିବା ଗ୍ୟାସ ଡିପୋ ବନ୍ଦ ହୋଇଗଲାଣି । ଫଳରେ ଗରୀବ ଲୋକେ ନାହିଁ ନ ଥିବା ଅସବୁିଧାରେ ସମ୍ମୁଖୀନ ହେଉଛନ୍ତି । ଏନେଇ କମ୍ପାନୀ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା ଗ୍ରାହକମାନେ ସେମାନଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । କମ୍ପାନୀ ସେମାନଙ୍କୁ କୌଣସି ପ୍ରମାଣ ପତ୍ର ନ ଦେଇ କେବଳ ମନି ରସିଦ ଦେଇ ଦେଇଛି । ଗ୍ୟାସ ନ ମିଳିବାରୁ ଶତାଧିକ ତୋଷାଳୀ ଇନ୍ଧନ ଗ୍ୟାସର ଗାହକମାନେ ହଇରାଣ ହରକତ ହେଉଛନ୍ତି । ଏ ଦିଗରେ କମ୍ପାନୀ ତୁରନ୍ତ ଦୃଷ୍ଟି ନ ଦେଲେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି ସଭଦ୍ରା ଜେନା,ତୋଫାନ ରଞ୍ଜନ କର ଓ ନାରାୟଣ ଦାସ ପ୍ରମୁଖ କହିଛନ୍ତି ।

# ଜିଲ୍ଲା ପରିଷଦର ୫୫ତମ ବୈଠକରେ ସ୍ୱାସ୍ଥ୍ୟ ଅବ୍ୟବସ୍ଥାକୁ ନେଇ ବର୍ଷିଲେ ତାରା

ଜୟପୁର, ୨୧/୯ (ନି.ପ୍ର): କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜିଲ୍ଲା ପରିଷଦର ୫୫ ତମ ବୈଠକ ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକାଙ୍କ ଅଧକ୍ଷତାରେ ବୈଠକ ଆୟୋଜନ କରାଯାଇଥିଲା। ନିର୍ବାଚନ ପରେ ଏହା ଜିଲ୍ଲା ପରିଷଦର ବୈଠକ ହୋଇଥିବାରୁ ନିର୍ବାଚିତ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୂ ଭତ୍ରା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋରାପୁଟ ସାଂସଦ ସପ୍ତଗିରୀ ଉଲାକା ଓ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ଦେଇ ଜିଲ୍ଲା ପରିଷଦ ସଭାପତି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଦୟନୀୟ ଅବସ୍ଥାରେ ରହିଥିବା ଯୋଗୁଁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା।ଏପରିକି କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତି ହେଉଥିବା ରୋଗୀମାନଙ୍କୁ ଅନ୍ୟ ଜିଲ୍ଲାକୁ ରେଫର କରାଯାଉଥିବାରୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଖୁବ ବର୍ଷିଥିଲେ। ଅନୁପସ୍ଥିତ ଥିବା ମେଡିକାଲ କଲେଜ ହସପିଟାଲ କର୍ତୃପକ୍ଷଙ୍କୁ ତୁରନ୍ତ ବୈଠକକୁ ଡାକିବାକୁ ଜିଲ୍ଲାପାଳଙ୍କୁ କହିଥିଲେ ତାରା। ଏହାପରେ ହସପିଟାଲ ପ୍ରଶାସିକା ଓ ଅଧିକ୍ଷକ ବୈଠକକୁ ଆସିଥିଲେ। କେତେ ରୋଗୀ ରେଫର ହେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ ତାରା। ମେଡିକାଲ କଲେଜ ହସପିଟାଲରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଥିବା ନେଇ କୋରାପୁଟ ବିଧାୟକ ରଘୁରାମ ମାଛ ଉଦବେଗ ପ୍ରକାଶ କରିଥିଲେ। ଜିଲ୍ଲାଭିତିକ ନିଯୁକ୍ତିକୁ ସମର୍ଥନ କରୁଛି ବୋଲି ଶ୍ରୀ ମାଛ କହିଛନ୍ତି। ରାଜନୈତିକ ଅଭିସନ୍ଧି ରଖି ଜୟପୁର ବିଧାୟକ କହିଥିବା ସେ ସ୍ପଷ୍ଟ କରିଥିଲେ। କୋରାପୁଟ ମେଡିକାଲ କଲେଜ ହସପିଟାଲର ରୋଗୀ ସେବାରେ କିପରି ଉନ୍ନତି ନିମନ୍ତେ ଆସନ୍ତା ଦିନରେ କଲେଜ କର୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଭାସନ କହିଛନ୍ତି। କୋରାପୁଟ ଜିଲ୍ଲାରେ ନିଯୁକ୍ତି ପାଇବାକୁ ଥିବା ୯୨୨ କନିଷ୍ଠ ଶିକ୍ଷକଙ୍କ ମଧ୍ୟରେ ବାହାର ଜିଲ୍ଲାରୁ ଅଧିକା ରହିଥିବାରୁ ଏହି ନିଯୁକ୍ତି ଯୋଗ୍ୟତା ତାଲିକାକୁ ବୈଠକରେ ଅନୁମୋଦନ କରାଯାଇ ନ ଥିଲା ବୋଲି ଜୟପୁର ବିଧାୟକ ଶ୍ରୀ ବାହିନୀପତି କହିଛନ୍ତି। ସମସ୍ତେ ଏହାକୁ ସମର୍ଥନ କଲେ କିନ୍ତୁ କୋରାପୁଟ ବିଧାୟକ ଅଲଗା କଥା କହିଲେ ବୋଲି ତାରା କହିଛନ୍ତି। ଯଦି ସରକାର ନିଯୁକ୍ତି ଦେବେ ତାହାହେଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ମେଡିକାଲ କଲେଜ ହସପିଟାଲରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଥିବା ନେଇ କୋରାପୁଟ ବିଧାୟକ ରଘୁରାମ ମାଛ ଉଦବେଗ ପ୍ରକାଶ କରିଥିଲେ। ଜିଲ୍ଲାଭିତିକ ନିଯୁକ୍ତିକୁ ସମର୍ଥନ କରୁଛି ବୋଲି ଶ୍ରୀ ମାଛ କହିଛନ୍ତି। ବର୍ତମାନ କନିଷ୍ଠ ଶିକ୍ଷକ ଯୋଗ୍ୟତା ତାଲିକା ଅନୁମୋଦନ ନ ହେଲେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିବ ବୋଲି ସେ କହିଛନ୍ତି। ଜିଲ୍ଲାଭିତିକ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ସହ ସେ ଆଲୋଚନା କରିବେ ବୋଲି କହିଛନ୍ତି। ଜିଲ୍ଲାରେ ରହିଥିବା ସ୍କୁଲ ଗୁଡିକରେ ଶିକ୍ଷକ ମାନେ ଠିକ ସମୟରେ ସ୍କୁଲ ଆସୁନଥିବାରୁ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଅସନ୍ତୋଷ ବ୍ୟକ୍ତ କରିଥିଲେ।

# କବିତା ପୁସ୍ତକ ‘ମେଂଚାଏ ପୁଷ୍ପ’ ଲୋକାର୍ପିତ

ବଲାଙ୍ଗିର, ୨୧/୯ (ନି.ପ୍ର): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନି କକ୍ଷରେ ଅଭିଭାବକ ମଂଚ ଆନୁକୂଲ୍ୟରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବୟିତ୍ରୀ ସରସ୍ୱତୀ ମିଶ୍ରଙ୍କ ଲିଖିତ କବିତା ପୁସ୍ତକ “ମେଂଚାଏ ପୁଷ୍ପ” ଉନ୍ମୋଚିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ମର୍ଯ୍ୟଦାରେ ଡ. ଗୋପବନ୍ଧୁ ରଥ ତଥା ମୁଖ୍ୟବକ୍ତା ଭାବରେ ଗାୟତ୍ରି ସରାଫ ମଂଚାସିନ ଥିଲେ । ଧିରେନ୍ଦ୍ର ନାରାୟଣ ସିଂଦେଓ ମଂଚ ପରିଚାଳନା କରିଥିଲେ । ପ୍ରଥମେ ଅତିଥିଗଣ ବାଗଦେବୀ ସରସ୍ୱତୀଙ୍କ ଚୋଟିତ୍ରରେ ମାଲ୍ୟାର୍ପଣ କରିବା ପରେ ମଂଚାସିନ ଅତିଥିଗଣଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଅଭିଭାବକ ମଂଚ ସଭାପତି ଧର୍ମବ୍ରତ ରଥ ସଂଗଠନ ତଥା ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଲେଖିକା ସରସ୍ୱତୀ ମିଶ୍ର ଲେଖକୀୟ ଅନୁଭୂତି ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଡ. ଗୋପବନ୍ଧୁ ରଥ ଏବଂ ମୁଖ୍ୟବକ୍ତା ଗାୟତ୍ରୀ ସରା କବିତା ଲିଖନର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେବା ସହ କବିତା ୍ତକ “ମେଂଚାଏ ପୁଷ୍ପ” ର ବିଭିନ୍ନ କବିତା ଗୁଡିକ ଉପରେ ନିଜସ୍ୱ ମତ ପ୍ରଦାନ କରିଥିଲେ । ଉ- ସଭାପତି ତଥା ଲେଖକ_ଶନ୍ନ କୁମାର ମିଶ୍ର ପୁସ୍ତକଟିର ସମୀକ୍ଷା କରିଥିଲେ । ସଭାପତି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ବିଭିନ୍ନ ଉଦାହରଣ ଛଳରେ ଲେଖକର କଲମ ମୂନ ହିଁ ଏକ ଶକ୍ତିଶାଳି ସମାଜ ଗଠନରେ ସହାୟକ ହୋଇପାରେ ବୋଲି ମତବ୍ୟକ୍ତ କରିଥିଲେ । ସୁଧାଂଶୁ ଶେଖର ଦର୍ଜୀ, ତରୁଣ କୁମାର ମିଶ୍ର, ଡ.ପ୍ରେମଚାନ୍ଦ ମହାନ୍ତି, ଚୁଡେନ୍ଦ୍ର ବେହେରା, ସରୋଜ କୁମାର କର, କୃଷ୍ଣଚନ୍ଦ୍ର ମହାକୁର, ନିହାରିକା ମିଶ୍ର, ସକାନ୍ତି ମଂଜରୀ ପାଣି, ମାଳତି ଉଦ୍‌ଗାତା, ଛବିଲାଲ ବେହେରା, ପୁରୁଷୋତ୍ତମ ପଣ୍ଡା, ହରେକୃଷ୍ଣ ପଟେଲ, ହୃଷିକେଶ ପୁରୋହିତ, ପୂର୍ଣ୍ଣଚନ୍ଦ୍ର ଦାଶ, ମଦନ ମୋହନ ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ ଲେଖିକା ପୁଷ୍ପାଞ୍ଜଳି ମେହେରଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ଦିବାକର ହୋତା, କବୟିତ୍ରୀ ରଶ୍ମି ପାତ୍ର, ଆନନ୍ଦିନୀ ଗୁରୁ, ସସ୍ମିତା ସାହୁ, ପ୍ରଭାସିନି ଭୋଇ, ସୁଷମା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ । ସାଧାରଣ ସଂପାଦକ ଗୋବିନ୍ଦ ମିଶ୍ର ଧନ୍ୟବାଦ ଜ୍ଞାନ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ସେପ୍ଟେମ୍ବର ୨୦୨୪
email : rabibarachayan2015@gmail.com



## ଧାରାବାହିକ ଉପନ୍ୟାସ

# ବୈଦେହୀ



### ଡ.ଭାଗବତ ବେହେରା

ଭାଗ-୬୮
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଧନ୍ୟ ହୋଇଗଲି ପ୍ରଭୁ ଧନ୍ୟ ହୋଇଗଲି । ରାବଣର ଜୀବନ ଆଜି ସାର୍ଥକ ହୋଇଗଲା । ଏହାକହି ରାବଣ ଆଣ୍ଠୁମାଡ଼ି ଦୁଇ ଅଞ୍ଜଳି ପାତିଦେଇ ଅଶ୍ରୁ ଛଳଛଳ ନେତ୍ରରେ କହିବାକୁ ଲାଗିଲା, "ହେ ଦୟାର ଅବତାର, କରୁଣାର ସାଗର, ଭକ୍ତବତ୍ସଳ ଭାବଗ୍ରାହୀ ଭଗବାନ ରାମଚନ୍ଦ୍ର, ଭକ୍ତର ମନ ଜାଣି ଆପଣ ଆଜି ଦକ୍ଷିଣା ଦେବାକୁ ଯାଉଛନ୍ତି ପ୍ରଭୁ । ଦକ୍ଷିଣା ସ୍ୱରୂପ ଆପଣଙ୍କ ଠାରୁ ରାବଣ ଆଜି ଏହି ବର ମାଗୁଅଛି ପ୍ରଭୁ କେବଳ ଆପଣଙ୍କ ଶରାଘାତରେ ଯେପରି ମୁଁ ମୋକ୍ଷ ପାଇଁ ଯାଏ । ଏ ଲଙ୍କପତି ଆଉ କାହାରି ଅସ୍ତ୍ର ଶସ୍ତ୍ର ଆଘାତରେ ମରିବାକୁ ଚାହେଁନାହିଁ ପ୍ରଭୁ । କେବଳ ଆପଣଙ୍କ କୋଦଣ୍ଡଚ୍ୟୁତ ବ୍ରହ୍ମାସ୍ତ୍ରରେ ଯେମିତି ମୋର ପ୍ରାଣ ଯିବ ଦୟାମୟ । ମୋତେ ଏହି ଦକ୍ଷିଣା ପ୍ରଦାନ କରନ୍ତୁ ।"

ତଥାସ୍ତୁ କହି ରାବଣ ହସ୍ତରେ ଶଂଖରୁ ଜଳଦାନ କଲେ ମୋ ସ୍ୱାମୀ । ଏ ଦୃଶ୍ୟ ଦର୍ଶନରେ ମୁଁ କାଠପାଲଟି ଯାଇଥାଏ ପ୍ରୀତିଦା । ସତରେ ରାବଣ ଦେବ ନା ଦାନବ । ଏ ଯେ ଦେବତାଙ୍କ ଠାରୁ ମହାନ୍ ।

ମୋ ସ୍ୱାମୀଙ୍କ ଠାରୁ ଦକ୍ଷିଣା ପାଇସାରିବା ପରେ, ମୋତେ ଶୁଣାଇ ରାବଣ କହିଥିଲେ ସୂର୍ଯ୍ୟାସ୍ତ ହେଲାଣି ଦେବୀ ସୀତେ । ଆଉ କାଳବିଳମ୍ବ ନକରି ଏବେ ରଥରେ ବସନ୍ତୁ । ଆମକୁ ଅଶୋକବନରେ ପହଞ୍ଚିବାକୁ ପଡ଼ିବ ।

ମୁଁ ନିର୍ବାକ୍, ନିଷ୍ପନ୍ଦ । ସତେଯେମିତି ମୋ ପିଣ୍ଡରେ ପ୍ରାଣ ନାହିଁ ।

ମୋ ଆଡ଼କୁ ଅନାଇ ମୋ ସ୍ୱାମୀ ମୋତେ ଇଂଗିତ କରିଥିଲେ ରାବଣର ବିମାନରେ ବସିବାକୁ । ମନ୍ତ୍ରଚାଳିତ ପିତ୍ତୁଳି ଭଳି ମୁଁ ଯାଇ ରଥରେ ବସନ୍ତେ ରାବଣ ଚିତ୍କାର କରି କହିଥିଲା, ମୁଁ ଏବେ ଚାଲିଲି ଦାଶରଥୀ । ଲଙ୍କାମାଟିରେ ଯୁଦ୍ଧଭୂମିରେ ତୁମ ସହ ମୋର ସାକ୍ଷାତ ହେବ ।

ଏହାକହି ଆଖି ପିଛୁଳାକେ ରାବଣ ରଥକୁ ଆକାଶ ମାର୍ଗରେ ଚାଳିଦିଅନ୍ତେ ରଥ ଆସି ଅଶୋକବନରେ ଅବତରଣ କରିଥିଲା ।

## ।। ଚଉଦ ।।

ଲଙ୍କାରେ ସୃଷ୍ଟି ହେଲା ମହାସଂଗ୍ରାମର ଲୀଳା । ମୋ ଜୀବନରେ ଏମିତି ଏକ ରକ୍ତକ୍ଷୟୀ ସମର ମୁଁ ଦେଖିବି, ତାହା କେବେ ମୁଁ କଳ୍ପନା କରିନଥିଲି ସୁଧାମୟୀ । ସେତୁବନ୍ଧ ପ୍ରତିଷ୍ଠା ପରେ ସ୍ୱାମୀ ମୋର ଅନୁଜ ଲକ୍ଷ୍ମଣ, ହନୁମାନ, ସୁଗ୍ରୀବ, ଅଙ୍ଗଦଙ୍କ ସହିତ ଅନେକ ବାନର ସେନାଙ୍କୁ ନେଇ ଲଙ୍କାଗଡ଼ରେ ଉପନୀତ ହୋଇଥିଲେ । ଜାମ୍ବବାନ ନାମକ ଏକ ଭଲ୍ଲୁକ ହୋଇଥାଏ ଏ ମହାସମରର ପଥ ପ୍ରଦର୍ଶକ । ଜୟ ଦଶରଥ ନନ୍ଦନ ରଘୁକୁଳ ତିଳକ ପ୍ରଭୁ ଶ୍ରୀରାମଙ୍କର ଜୟ ନାଦରେ କମ୍ପି ଉଠିଥିଲା ଲଙ୍କା ନଗରୀ । ସେ ଧ୍ୱନି ଶ୍ରବଣରେ ଅଂଗ ମୋର ହୋଇ ଯାଉଥିଲା ପୁଲକିତ । ଶରୀରରୁ ଗମ୍‌ଗମ୍ ହୋଇ ଝାଳ ବହି ଯାଉଥିଲା । ଆଉ ଆନନ୍ଦରେ ନୟନରୁ ଝରିପଡୁଥିଲା ଧାରଧାର ଆନନ୍ଦାଶ୍ରୁ । ମୋ ପ୍ରଭୁଙ୍କ ଲଙ୍କା ଆଗମନ, ଯୁଦ୍ଧ ଘୋଷଣା ଶୁଣି ଲଙ୍କପତିଙ୍କର ସହସ୍ର ସହସ୍ର ସୈନ୍ୟ ଲଙ୍କପତି ରାବଣ ନାମରେ ଜୟଧ୍ୱନି ଦେଇ ଗଗନ ପବନକୁ ପ୍ରକମ୍ପିତ କରି ଦେଉଥାନ୍ତି । ଲଙ୍କାରେ ଆରମ୍ଭ ହୋଇ ଯାଇଥିଲା ମହାନାଟକର ଜ୍ୱାଳାମୟୀ ଦୃଶ୍ୟ । ପ୍ରତ୍ୟହ ଅଶୋକବନର ସେହି ଅଶୋକବେଦୀ ମୂଳରେ ବସି ମୁଁ ତ୍ରିଜଟା ଠାରୁ ଯୁଦ୍ଧର ସମ୍ବାଦ ନିଏ । ଦୈନିକ ସନ୍ଧ୍ୟାରେ ତ୍ରିଜଟା ଶୁଣାଏ ମୋ ପ୍ରଭୁଙ୍କର ବିଜୟ କାହାଣୀ । ରାବଣର ଦୁର୍ଦ୍ଧର୍ଷ ସୈନ୍ୟବାହିନୀ ପ୍ରଭୁଙ୍କ ବାନର ସେନା ଆଗରେ ପରାଜିତ ହୋଇ ପଳାୟନ କରୁଥା'ନ୍ତି । ଅନେକ ମଧ ମୃତ୍ୟୁବରଣ କରୁଥାନ୍ତି । ପ୍ରବଳ ପରାକ୍ରମ ନେଇ ବାନରସେନା ଯୁଦ୍ଧ କରୁଥା'ନ୍ତି । ଏ ସମ୍ବାଦ ତ୍ରିଜଟା ଠାରୁ ପାଇ ମୁଁ ଯେତିକି ଆନନ୍ଦିତ ହୁଏ, ସେତିକି ବିଷାଦିତ ହେଉଥାଏ ଉଭୟ ପକ୍ଷର ସୈନ୍ୟସାମନ୍ତଙ୍କ ମୃତ୍ୟୁ ଖବର ପାଇ । କ'ଣ ପାଇଁ ଲଙ୍କପତି ଜାଣିଶୁଣି ନିଜ ଉପରକୁ ଏ ବିପଦକୁ ଡାକି ଆଣିଲେ ? ତ୍ରିଜଟା କହୁଥାଏ ଯୁଦ୍ଧର ତୃତୀୟ ଦିନ ସୁଦ୍ଧା ରାବଣର ଅନେକ ସୈନ୍ୟ ସେନାପତି ମୃତ୍ୟୁବରଣ କଲେଣି । ରାବଣର ଅନ୍ୟ ଏକ ଭ୍ରାତା କୁମ୍ଭକର୍ଣ୍ଣ ମହାନିଦ୍ରାରେ ଶୟନ କରିଥିଲେ । ତାଙ୍କୁ ସେ ନିଦ୍ରାରୁ ଉଠାଇ ଯୁଦ୍ଧକ୍ଷେତ୍ରକୁ ପଠାଇଥିଲେ ଦଶାନନ । ଯୁଦ୍ଧର ପଞ୍ଚମ ଦିନରେ ସେ ମଧ ନିହତ ହେଲେ । ତାଙ୍କର ଅନ୍ୟ ଏକ ଭାଇ ବିଭୀଷଣ, ରାବଣର ଅନ୍ୟାୟ ଯୁଦ୍ଧକୁ ସମର୍ଥନ ନକରି, ରାବଣକୁ ତ୍ୟାଗକରି ଆସି ପ୍ରଭୁଙ୍କ ଠାରେ ଶରଣ ପଶିଛି । ଏ ସମ୍ବାଦ ତ୍ରିଜଟା ଠାରୁ ଶୁଣି ମୁଁ ଅତ୍ୟନ୍ତ ମର୍ମାହତ ହୋଇଥିଲି । ତ୍ରିଜଟା କହୁଥିଲା, 'ମାଆ ସୀତେ! ବିଭୀଷଣ ଅତ୍ୟନ୍ତ ଧର୍ମ ପରାୟଣ ବ୍ୟକ୍ତି । ଅନ୍ୟାୟ, ଅନୀତିକୁ ସେ ପ୍ରଶ୍ରୟ ଦିଅନ୍ତି ନାହିଁ । ଭାଇ ରାବଣଙ୍କୁ ସେ ଅନେକ ପ୍ରବର୍ତ୍ତାଇଥିଲେ ଏ ଯୁଦ୍ଧ ନକରିବାକୁ । ହେଲେ ରାବଣ ତାଙ୍କ କଥା ନମାନି ତାଙ୍କୁ ପଦାଘାତ କରି ରାଜ୍ୟରୁ ତଡ଼ି ଦେବାରୁ, ସେ ଆସି ପ୍ରଭୁଙ୍କ ଶରଣାପନ୍ନ ହୋଇଛନ୍ତି । ଏବେ ରାବଣ ନିଜ ପୁତ୍ର ଇନ୍ଦ୍ରଜିତକୁ ସେନାପତି କରି ପଠାଇଛି ଯୁଦ୍ଧକ୍ଷେତ୍ରକୁ । ଇନ୍ଦ୍ରଜିତ କୁଆଡ଼େ ମହା ବଳବାନ୍, ଅନୁଜ ଲକ୍ଷ୍ମଣଙ୍କୁ ମାରିବାର ଶପଥ ନେଇଛି । ତ୍ରିଜଟା ପାଖରୁ ଏ ସମ୍ବାଦ ଶ୍ରବଣ କରି ମୁଁ ଅତ୍ୟନ୍ତ କାତର ହୋଇ ପଡ଼ିଥିଲି । ମୋ ନୟନରୁ ସଦାସର୍ବଦା ଛୁଟୁଥାଏ ଅଶ୍ରୁର ଶ୍ରାବଣ । ମୋତେ ପ୍ରବୋଧନା ଦେଇ ମାତା ତ୍ରିଜଟା କହୁଥାନ୍ତି ସବୁ ଜାଣିଶୁଣି ତୁମେ କାହିଁକି ଅଥୟ ହେଉଛ ଜାନକୀ । ଏ ଯୁଦ୍ଧରେ ତୁମ ସ୍ୱାମୀଙ୍କର ଜୟ ସୁନିଶ୍ଚିତ । ରାବଣ ସବଂଶେ ବିନାଶ ହେବ । ଜାଣିଶୁଣି ସେ ନିଜ ମୃତ୍ୟୁକୁ ନିମନ୍ତ୍ରଣ କରିଛି । ଏ ମହାରଣ ଯଜ୍ଞରେ ରାବଣ ନିଜେ ମରିବା ପୂର୍ବରୁ ନିଜ ବଂଶକୁ ବିନାଶ କରି ମରିବ । ତୁମେ ଧୈର୍ଯ୍ୟ ଧରି ଦେଖ ଆଗକୁ କ'ଣ ସବୁ ଘଟିଯାଉଛି ।

ତ୍ରିଜଟାର କଥାମାନି ମୁଁ ପ୍ରତ୍ୟହ ପ୍ରଭାତ ହେବାମାତ୍ରେ ଅଶୋକବେଦୀ ମୂଳରେ ବସିରହି ନଖଦର୍ପଣରେ ଦେଖେ ଯୁଦ୍ଧର ସେ ଭୟାବହ ଦୃଶ୍ୟକୁ । ମନେମନେ ନିଜକୁ ଦୋଷୀ ମନେକରେ । କେବଳ ମୋରି ପାଇଁ ଏ ରକ୍ତକ୍ଷୟୀ ସମର । ଏକଥା ଯଦି ମୁଁ ଜାଣିଥା'ନ୍ତି ତାହେଲେ ବିଷପାନ କରି ମୃତ୍ୟୁବରଣ କରିଥାନ୍ତି । ମୁଁ ମରିଥିଲେ ମୋ ସ୍ୱାମୀ ଲଙ୍କା ଆସିନଥାନ୍ତେ କି ଏ ଯୁଦ୍ଧ ସମ୍ଭବ ହୋଇନଥାନ୍ତା । ରାବଣର ଆଶା ମଧ ଅପୂର୍ଣ୍ଣ ରହିଥାନ୍ତା । ନିଜକୁ ନିଜେ ମୁଁ ଧିକ୍କାରି ବସେ ସୁଧାମୟୀ । ଛାର ଏକ ନାରୀ ପାଇଁ ଏ ମହାସମୁଦ୍ରକୁ ମନ୍ଥନ କରି, ଅଜସ୍ର ଅସୁର ସେନାଙ୍କୁ ବିନାଶ କରି ସେ ଲଙ୍କାଗଡ଼ରେ ସୃଷ୍ଟି କରିବେ ମୃତ୍ୟୁର ବିଭୀଷିକା । କେତେ ନାରୀ ଏଠି ବିଧବା ହେବେ, କେତେ ମାତା ହେବେ ପୁତ୍ରହରା । ଏଥିପାଇଁ ଦାୟୀ ମୁଁ । ମୋର ଅସ୍ଥିରତା ଦେଖି ମାତା ତ୍ରିଜଟା ସାନ୍ତ୍ୱନା ଦେଇ କହନ୍ତି, ମା' ଜାନକୀ ତୁମର ଦୁଃଖ କରିବାର କିଛି ନାହିଁ । ତୁମେ କିଛି କରୁନାହଁ । ସବୁ ଅଦୃଷ୍ଟ ଲିଖନ । ଅଦୃଷ୍ଟ ହିଁ ସୁଖ ଦୁଃଖ ସବୁ ଦିଏ । ଆମେ ପ୍ରାଣୀମାନେ ସବୁ କାଳର ଆୟତ୍ତ । ତା' ବିରୋଧରେ ସ୍ୱର ଉତ୍ତୋଳନ କରିବ କିଏ ? ସେ ହିଁ ତୁମକୁ ଅଯୋଧ୍ୟାରୁ ଆଣି ବନବାସୀ କରାଇଥିଲା । ସେ ହିଁ ତୁମକୁ ଦୁଃଖ ଦେଇ ତୁମ ସ୍ୱାମୀଙ୍କ ଠାରୁ ଛଡ଼ାଇ ଆଣି ଏ ଅଶୋକବନରେ ରଖିଛି । ଏବେ ସେ ହିଁ ହେଉଛି ଏ ମହା ସମରର ସୂତ୍ରଧର । ତୁମେ କିମ୍ବା ତୁମ ସ୍ୱାମୀ ଅଥବା ରାବଣ କେହି ବି ଚାହିଁଲେ କାଳର ଗତିକୁ ବଦଳାଇ ଦେଇପାରିବେ ନାହିଁ । ସେହି କାଳ ହିଁ କହିବ ଏ ଯୁଦ୍ଧର ଭବିଷ୍ୟତ କ'ଣ ହେବ । କେତେ ସୈନ୍ୟ ରାବଣର ମରିବେ । କେତେ ସୈନ୍ୟ ତୁମ ସ୍ୱାମୀଙ୍କର ମୃତ୍ୟୁବରଣ କରିବେ । କେବେ ଇନ୍ଦ୍ରଜିତ ମରିବ ବା ରାବଣ ମରିବ, ତାହା ସେ ହିଁ କହିପାରିବ ।

(କ୍ରମଶଃ)

♥ ଦର୍ପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଟୀର୍ଯ୍ୟକ୍... ଷ୍ଟଂଟ୍ ଡ୍ରାଇଭର୍, ବାଟକୁ ଫେର

### ସୁବ୍ରତ ପଟ୍ଟନାୟକ



ଟିଭି ଚାନେଲରେ ଆମେ ଦେଖିଲୁ ଷ୍ଟଂଟ୍ ଡ୍ରାଇଭିଂ । ପ୍ରତିଯୋଗିତାରେ ନୁହେଁ କିମ୍ବା ପଡ଼ିଆରେ ନୁହେଁ । ରାଜଧାନୀର ରାଜପଥରେ । ଥରିଗଲା ପଥଚାରୀଙ୍କ ଛାତି। ୧୬ ସେପ୍ଟେମ୍ବର ୨୦୨୪ ସୋମବାର ପୂର୍ବାହ୍ନ । ବାଣୀବିହାର ଛକରୁ ୪ଟି ସ୍ପୋର୍ଟସ କାର୍ ଛୁଟିଲା ରାଜମହଲ ଛକ। ଡ୍ରାଇଭର କେତେବେଳେ କାର ଷ୍ଟିଅରିଂ ଛାଡ଼ି ବସି ପଡୁଥିଲେ ହୁଡ୍ ଉପରେ ତ କେତେବେଳେ ଡୋର ଉପରେ । ଆଉ ଗୋଟିଏ କାର୍‌ର ବାମପଟୁ ଚକ ଫୁଟପାଥ୍‌ରେ ତ ଡାହଣ ଚକ ରାସ୍ତାରେ । ଏଭଳି କାର୍ ଚାଳନା ଦେଖି ଅନ୍ୟ ସାଧାରଣ ଲୋକେ ଓ ଚାଳକ ଛାନିଆ। ଜୀବନ ବିକଳରେ ଛିନ୍ନଛତ୍ର ।

କଂଟ୍ରୋଲ ରୁମ୍‌କୁ ଖବର ପଠାଇଲେ ଜଣେ ଟ୍ରାଫିକ୍ ପୁଲିସ୍। ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ନିଆଗଲା। ଲକ୍ଷ୍ମୀସାଗର ଥାନା ପୁଲିସ ଜବତ କଲା କାରଗୁଡ଼ିକୁ । ୫ଜଣଙ୍କୁ ଧରାଗଲା । ଆଉ ଦୁଇ ତିନିଜଣ ଫେରାର୍ ହୋଇଗଲେ । ସବୁଠୁ ଆଶ୍ଚର୍ଯ୍ୟ କଥା- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୁବନେଶ୍ୱର ଗସ୍ତ କାର୍ଯ୍ୟକ୍ରମର ଠିକ୍ ଦିନକ ଆଗରୁ ରାଜପଥରେ ଚାଲିଛି ବେପରୱା ଷ୍ଟଂଟ୍ ଡ୍ରାଇଭିଂ । ଡେପୁଟି ପୁଲିସ କମିଶନର ପ୍ରତୀକ ସିଂହ କହିଛନ୍ତି- ସ୍ପୋର୍ଟସ କାରକୁ ଭଡ଼ାରେ ଆଣି କରାଯାଉଥିଲା ଷ୍ଟଂଟ୍ ସୋ । ଯେଉଁମାନେ ଧରା ପଡ଼ିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ନାବାଳକ । ସେମାନଙ୍କ ଅପରାଧିକ ରେକର୍ଡ ଅଛି କି ନା, ଏବେ ଚାଲିଛି ତାର ଖୋଳତାଡ଼ ।

ରାଜଧାନୀର ରାଜପଥରେ ଷ୍ଟଂଟ୍ ସୋ' ନୂଆ କଥା ନୁହେଁ । ଆଗରୁ କେତେକ ଯୁବକ ବାଇକରେ ଷ୍ଟଂଟ୍ ସୋ ଦେଖାଇ ପୁଲିସ ହାତରେ ଧରା ପଡ଼ିଛନ୍ତି । ବାଇକ୍ ସାଇଲେନ୍ସରୁ ଠୋ ଠୋ ଶବ୍ଦ ବାହାରିବା, ରାସ୍ତାରେ ଷ୍ଟାଣ୍ଡ୍ ଘସି ନିଆଁ ଝୁଲ ଝଟ୍‌କାଇବା, ଗୋଟିଏ ଚକରେ ଗାଡ଼ି ଚଳାଇବା, ଗାଡ଼ିକୁ ଜମ୍ପ ମାରିବା ଆଦି ସେମାନଙ୍କ ସଉକ୍ । ଷ୍ଟଂଟ୍ ସୋ ବେଳେ ସେମାନଙ୍କ ମୁଣ୍ଡରେ ହେଲମେଟ୍ ନଥାଏ। ହେଲମେଟ୍ ପିନ୍ଧିଲେ ସେଭଳି ହିରୋଙ୍କୁ ଚିହ୍ନିବ କିଏ ? ମାତ୍ର ଏବେ କାର୍‌ରେ ଷ୍ଟଂଟ୍ ଡ୍ରାଇଭିଂ ଦେଖି ଆମେ ଆଖି ତରାଟିଲୁ ।

ଆମର ଧାରଣା- କୌଣସି ସାଧାରଣ ଲୋକ କଦାପି ଷ୍ଟଂଟ୍ ଡ୍ରାଇଭିଂ କରୁ ନଥିବେ । ବୟସ୍କ ବ୍ୟକ୍ତି, ମେଧାବୀ ଛାତ୍ରଛାତ୍ରୀ, ଚାକିରି ଓ ବ୍ୟବସାୟ କରୁଥିବା ଯୁବକ ଯୁବତୀଙ୍କୁ ରାସ୍ତାରେ ନିୟମ କାନୁନ ଭଲଭାବେ ଜଣା। ଅନ୍ୟକୁ ଛାନିଆ କିମ୍ବା ଚମକାଇ ସେମାନେ ବିପଦ ସୃଷ୍ଟି କରିବେ ନାହିଁ । ଡ୍ରାଇଭିଂ ବାବଦରେ ସେମାନେ ଯେତିକି ସତର୍କ, ଅନ୍ୟର ଜୀବନ ପ୍ରତି ମଧ ସେତିକି ସଚେତନ । ତେବେ, ଏହି ଷ୍ଟଣ୍ଟ୍ ଡ୍ରାଇଭରମାନେ କିଏ ? ସେମାନେ ଶିକ୍ଷିତ ନା ଅଶିକ୍ଷିତ ? ନାବାଳକଙ୍କୁ କାର୍ ଚଳାଇବା ପାଇଁ ଡ୍ରାଇଭିଂ ଲାଇସେନ୍ସ ଦିଆ ଯାଉ ନଥିବାବେଳେ, ସେମାନେ ଡ୍ରାଇଭିଂରେ କେମିତି ଏତେ ପାରଙ୍ଗମ ? ହୁଏତ କୌଣସି କାର୍ ଡ୍ରାଇଭର୍ କିମ୍ବା ମେକାନିକ୍‌ଙ୍କର ପୁଅ ଗାଡ଼ି ଚଳାଇବାରେ ଓସ୍ତାଦ ହୋଇଥିବେ । ତାହା ଭିନ୍ନ କଥା । ମାତ୍ର ଯୁବକମାନେ ଧନୀ ବର୍ଗର ହୋଇନଥିଲେ ଚାରି ଚାରିଟା କାର୍ ଭଡ଼ାରେ କଣ ସମ୍ଭବ ?

ଷ୍ଟଣ୍ଟ୍ ଡ୍ରାଇଭିଂ ସମୟରେ ଧରା ପଡ଼ିଥିବା ଯୁବକ ମଦ୍ୟପାନ ଓ ମାଦକ ଦ୍ରବ୍ୟ ସେବନ କରିଥିଲେ କି ନା, ତାହା ଜାଣିବା ସବୁଠୁ ଜରୁରୀ । ଯଦି ନିଶାସକ୍ତ ଅବସ୍ଥାରେ ବେପରୱା ଗାଡ଼ି ଚଳାଇବେ, ତେବେ ଅନ୍ୟମାନଙ୍କ ପ୍ରତି ଘୋର ବିପଦ । ୨୦୨୨ ମସିହାରେ ବେପରୱା ଗାଡ଼ି ଚାଳନାରେ ୧୯୬ ଜଣ ଲୋକ ଆମ ରାଜ୍ୟରେ ପ୍ରାଣ ହରାଇଛନ୍ତି । ୨୦୨୩ ମସିହାରେ ଏହା ୨୨୫କୁ ବଢ଼ିଛି । ୨୦୨୪ ପ୍ରଥମ ଛଅମାସ ମଧ୍ୟରେ ୧୫୦ ଜଣ ମଲେଣି । ନାବାଳକ ବୋଲି ସେମାନଙ୍କୁ ମାଫ୍ କରିଦେଲେ ମସ୍ତବଡ଼ ଭୁଲ ହେବ । ଜନଗହଳି ପୂର୍ଣ୍ଣ ରାସ୍ତାରେ ଯେଉଁମାନେ ଷ୍ଟଣ୍ଟ୍ ସୋ ଦେଖାଉଛନ୍ତି, ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସକୁ ସବୁଦିନ ପାଇଁ ରଦ୍ଦ କରାଯିବା ଦରକାର । ଯେଉଁମାନଙ୍କର ନାହିଁ, ସେମାନେ ଯେମିତି ଭବିଷ୍ୟତରେ ଲାଇସେନ୍ସ ନପାଇବେ, ସେଥିପ୍ରତି ନିୟମ କରାଯାଉ । ଅନ୍ୟମାନଙ୍କ ଜୀବନ ସହିତ ଖେଳୁଥିବା ଉନ୍ମତ୍ତ ଯୁବକଙ୍କୁ ନେଇ ଦଣ୍ଡ ସହିତ ଜରିମାନା ହେଉ । କଠୋର ଦଣ୍ଡ ନ ମିଳିଲେ ଏଭଳି ଉଦଣ୍ଡିଆଙ୍କୁ ସାବାଡ଼ କରିବା କଷ୍ଟ । ପୁଲିସ କମିଶନର ସଞ୍ଜୀବ ପଣ୍ଡା, ଡେପୁଟୀ ପୁଲିସ କମିଶନର ପ୍ରତୀକ ସିଂହ ଦୁହେଁ ଦକ୍ଷ ଅଫିସର । ଅପରାଧିଙ୍କୁ ଧରିବାରେ ବେଶ୍ ଧୁରନ୍ଧର। ଷ୍ଟଣ୍ଟ୍ ମାଷ୍ଟରଙ୍କୁ ଧରିବା ଲାଗି ପୁଲିସ ବିଭାଗ ପକ୍ଷରୁ ଏକ ମାଷ୍ଟର୍ ପ୍ଲାନ୍ କରାଯାଉ । ପ୍ରତି ଦୁଇ ମାସରେ ତାର ସମୀକ୍ଷା ଓ ତର୍ଜମା ହେଉ । ଷ୍ଟଣ୍ଟ୍ ଯୁବକଙ୍କୁ ଆମର ବିନମ୍ର ନିବେଦନ- ଷ୍ଟଣ୍ଟ୍ ଦେଖାଇ ମରଣକୁ ପାଖକୁ ଡାକି ଆଣନାହିଁ । ଜୀବନ ଅତି ଦୁର୍ଲଭ ଓ ମୂଲ୍ୟବାନ । ସଉକ୍ ଦେଖାଇବାକୁ ଯାଇ ନିଜର ଓ ନିଜ ପରିବାରର କେତେ କ୍ଷତି ନ ଘଟୁଛି ? ସ୍ଥିର ମନରେ ଟିକିଏ ଏତିକି ଚିନ୍ତା କର । ଆଶା କରୁ, ଯୁବକମାନେ ଆମ ନିବେଦନ ଶୁଣିବେ । ଆଜି ଏତିକି । ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...

### ।। କେମିତି ଥିଲା ସେ ଦିନ ।।

● ବୃନ୍ଦାବନ ଦାସ



ବିସ୍ମୟ ଛଡା ସେଦିନ କଣ ଥିଲା କି !
ଖାଲି ନିରବତା ହିଁ ନିରବତା
ନିଶୁନ ନିରବତା
ଦିନେ ମାଟି ଫଟେଇ
ଆକାଶ ମୁହାଁ ହୋଇଥିବ ପାହାଡ ?
ଉତପ୍ତ ଲାଭା ଶୀତଳ ହୋଇ
ପାଲଟି ଯାଇଥିବ ପଥର ।

କେମିତି ଜନ୍ମିଲେ ଗୁଳ୍ମ ଲତା ଗଛବ ?ଛ
କେଉଁଠୁ ରଙ୍ଗ ଆଣି
ଫୁଟିଲେ ନାନା ଜାତିର ପାହାଡି ଫୁଲ
କିଏ ଭରିଦେଲା
ପ୍ରତି ପାଖୁଡାରେ ମହକ

କେଉଁଠୁ ଆସି
ଶାଖାରୁ ଶାଖା ଉଡି ବୁଲିଲେ ପକ୍ଷୀ
ଗାଇଲେ ଗୀତ
କେଉଁ ମଣିଷର ପାଦ ପ୍ରଥମେ ପଡିଲା ସେଠି ।

ଯେଉଁଦିନ ମଣିଷର ପାଦ ପ୍ରଥମେ ପଡିଥିବ
ଅନ୍ୱେଷାର ତୀକ୍ଷ୍ଣ ଆଖି ବୁଲି ଆସିଥିବ
ପାଦଦେଶରୁ ଚୀଖ
ସାରା ପାହାଡ
ବିସ୍ମୟ ସବୁ ଚୂରମାର ହୋଇ
ଭାଙ୍ଗି ? ପଡିଥିବ ନିରବତା ।

ପୂର୍ବାଶାରୁ ଫାଟି ଫାଟି ଆସୁଥିବ ସିନ୍ଦୂରା
ଲଳିତ, ଲଳିତ ଗିରିକୁ
ନିଦ ମଳ ମଳ
ଆଖିରେ ପାଦ ଥାପୁଥିବ ବାଳୁତ ସୂର୍ଯ୍ୟ
ଏକ ନୂତନ ବିସ୍ମୟ ଅପେକ୍ଷାରେ
ପକ୍ଷୀମାନେ ଖୋଲି ସାରିଥିବେ ଚଞ୍ଚୁ
ଗାଇବେ ଗାଇବେ ବୋଲି ଗୀତ ।

ଏମିତି କେତେ ଦିନ କେତେ ରାତି
କେତେ ଝଡ ? କେତେ ବର୍ଷା
ଉତ୍ଥାନ ପତନ
ହର୍ଷ ଉଲ୍ଲାସ ପରିବର୍ତ୍ତନ ପରେ
ଆଲୁଅ ସବୁ ମେଳି ବାନ୍ଧିଥିବେ
କିଏ ଜାଳି ଦେଇଥିବା
ଦୀପର କ୍ଷୀଣ ଶିଖାରେ ।

ସେଇଠୁ ଶୁଭାରମ୍ଭ ହୋଇଥିବ
ଲଳିତ ଗିରିର ଭାଗ୍ୟ
ନବ ନିର୍ମାଣରେ ନବ ଗୁଞ୍ଜରଣରେ
ପ୍ରତିଧ୍ୱନିତ ହୋଇଥିବ
ବୁଦ୍ଧଂ ଶରଣଂ ଗଚ୍ଛାମି ?
ସଙ୍ଘଂ ଶରଣଂ ..ଧର୍ମଂ ଶରଣଂ...

♥ ଅଧ୍ୟାପକ: ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ - ୯୭୭୭୮୪୩୦୩୧

### ଗୋଟିଏ ଏକପଦୀ

ଡ. ରଜନୀ ରଂଜନ



ତମେ ଗାଧୁଆ ତୁଠର ଭରା ପଦୁଅଁର ବନ
ତମେ ଅଳସୀ ଫୁଲର ଅଭିଆଡୀ ଯଉବନ
ତମେ ଅପାସୋରା ପିଲାଦିନ
ଶରତ ଆକାଶ ମୁକୁଳା ଛାତିରେ
କୁଆଁରୀ ପୁନେଇ ଜହ୍ନ ।

♥ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫

### ।। ତଥାପି ମୁଁ ସ୍ୱାଧୀନ ।।

● ବିବୁଲ ମହାକୁର



ପ୍ରଥା - ପରମ୍ପରା - ସଂସ୍କୃତିର
ବଟବୃକ୍ଷ ଆଢୁଆଳରେ
କନ୍ୟା-ଭଗିନୀ-ଜାୟା-ଜନନୀ
ଶତରୁପା ଅଭିନୟ କରି
ଭ୍ରୁଣରୁ ମଶାଣିର ଯାତ୍ରା
ଆଜି ଏକବିଂଶ ଶତାବ୍ଦୀରେ ମଧ
ଲମ୍ବିଯାଏ ଦିନଟିଏ ବର୍ଷ ତମାମ ହୋଇ।

ଅଭିଶପ୍ତ କନ୍ୟା ଭ୍ରୁଣଟିଏ ହୋଇ
ଶଙ୍କା ଆଶଙ୍କା ମଧ୍ୟରେ
ଭାବନାର ଚିତ୍ର ଚରିତ୍ର ମଧ୍ୟେ
ଭୂଇଁରେ ପାଦଦେବା
ମୋ ପାଇଁ ସବୁଠୁ ବଡ଼ ବିଜୟ !

ଶାପମୁକ୍ତ ପୃଥିବୀରେ ପାଦ ଦେଉଦେଉ
ଅଭିଶପ୍ତ ଜୀବନକୁ ପରିଚୟ ଦେବା
ସ୍ୱତନ୍ତ୍ରତାର ଡେଣାଟିଏ ଯୋଡ଼ି
କଳା ବାଦଲ ମଧ୍ୟେ ଉଡ଼ିଯିବା
ପ୍ରତି ମୁହୂର୍ତ୍ତରେ ହିମାଳୟ ସହ ଯୁଝିବା
ଅଟ୍ଟହାସ୍ୟ ନୁହେଁ କି ?

ଘର ଏରୁଣ୍ଡି ବନ୍ଧ ଏଠି ଲକ୍ଷ୍ମଣରେଖା
ଅଗଣା ଡେଇଁଥିବା ପ୍ରତ୍ୟେକ ପାଦକୁ
ପ୍ରତିଧ୍ୱନିତ ହୋଇ ପଚାରେ
କଣ ? କେମିତି ? କେବେ ?
ତା ମଧ୍ୟେ ଲିଭେଇ ଦେଇଯାଏ
ଅଭିପ୍ରାୟସର ଶିଖା।

ପ୍ରତିଟି ପାଦରେ ରକ୍ତ ପିଶାଚ ଆଁ କରି
କେଇ ଦିନର ଭୋକିଲା ଚିନ୍ତାରେ
ଭାଙ୍ଗିଦିଏ ହାଡ଼, ଖାଇଯାଏ ମାଉଁସ
ପିଇଯାଏ ରକ୍ତ

ଶାଗୁଣା-ବିଲୁଆ-ଛଞ୍ଚାଣ ମେଳରେ
ସତେବା ଜନ୍ମଦାତ୍ରି ଠୁ ମୋ ରକ୍ତ ଭିନ୍ନ।

ଝରକା ଖୋଲି ଆଜି ଯେବେ ଦେଖିଲି
ଜାଣିଲି ତୁମ ପୃଥିବୀ
ମୋ ପୃଥିବୀ ଠୁ ଭିନ୍ନ ବୋଲି,
ଏଠି ବସ୍ତା ବସ୍ତା ସ୍ୱପ୍ନ ନିଲାମ ହୁଏ
ରାଜରାସ୍ତାରେ, ଦିନ ଦ୍ୱିପହରେ
ଭଦ୍ରମୁଖା କ୍ରେତା ବିକ୍ରେତା ମଧ୍ୟେ।

ସିମେଣ୍ଟ କଂକ୍ରିଟ ପୃଥିବୀ ମଧ୍ୟେ
ଆଞ୍ଜୁଳାଏ ଆକାଶରେ
ଯେବେବି ଉଡ଼ିବାର ପ୍ରୟାସ କରେ
ବାଡ଼େଇ ହୁଏ
ଗୋଟେ ଡେଣା ଅନ୍ୟଟି ସହ
ରକ୍ତାକ୍ତ କରିବାରେ ଲାଗେ ନିଜ ଛାଇ।

ଭାରତ ପାକିସ୍ତାନ ସୀମା ନିର୍ଦ୍ଧାରଣ ମଧ୍ୟେ
ମୋ ସୀମା ପ୍ରତ୍ୟହ ଅଙ୍କାହୁଏ
ଭିନ୍ନଭିନ୍ନ ତୂଳୀରେ,
ଖୁସିରେ ନାଚିଉଠେ
ସତୀତ୍ୱର ଅଗ୍ନି ପରୀକ୍ଷା ଦେଇ
ବର୍ଷ - ମାସ - ଦିନ
ତଥାପି ମୁଁ ସ୍ୱାଧୀନ ।

♥ ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା, ବଲାଙ୍ଗୀର
(ମୋ) ୮୨୪୯୭୦୨୨୫୨

### ।। ତର୍ପଣ ।।

● ଗଜାନନ ମିଶ୍ର



କ୍ଷମାକରନ୍ତୁ, ଆଗପରି
ପାରୁ ନି ଆଉ। ଆପଣଙ୍କୁ
କରିବାକୁ ଦର୍ଶନ ବସିଛି
ଏଇଠି ଆଣ୍ଠୁଗଣ୍ଠି ବାତ ସତ୍ତ୍ୱେ।
ଆପଣ ସର୍ବବ୍ୟାପୀ, ଜାଣେ।
ଆପଣ ବ୍ରହ୍ମରୂପୀ, ଆସନ୍ତୁ,
ଆସିବା ହୁଅନ୍ତୁ, ଆପଣଙ୍କୁ
କରୁଛି ଆହ୍ୱାନ।

ଅଛନ୍ତି ଆପଣ ପାଖରେ,
ଅଛନ୍ତି ଅନ୍ତରୀକ୍ଷରେ,
ଅଛନ୍ତି ବାୟୁରେ, ଅଗ୍ନିରେ,
ଆପଣ ଅଛନ୍ତି ସ୍ୱର୍ଗଲୋକରେ,
ଆସନ୍ତୁ, ତୃପ୍ତ ହୋଇ ଆସିବା ହୁଅନ୍ତୁ।
ଅଛନ୍ତି ଆପଣ ମୋ ଧ୍ୟାନରେ,
ଅଛନ୍ତି ମୋ ପ୍ରାଣରେ।
ସତ୍ୟଜ୍ଞାନୀହେ, ଆପଣ ଏବେ
ମୋ ସ୍ଥାନରେ, ଆସନ୍ତୁ ।
ହେଇ, ଦେଉଛି ଜଳ

ତମ୍ବାପାତ୍ରରେ, ପାଇ ହୁଅନ୍ତୁ ତୃପ୍ତ
ଏ ସକଳ ଶ୍ରାଦ୍ଧୀୟ ଦ୍ରବ୍ୟ ।

ହେ ଘୃତାନ୍ନ, କରାଅ ତୃପ୍ତ
ମୋ ପିତୃବ୍ୟଙ୍କୁ।
ମଧୁମୟ ହୁଅ ହେ ବାୟୁ।
ହେ ନଦୀ, ପ୍ରବାହ କର ମଧୁ।
ମଧୁମୟ ହେଉ ସକାଳ,
ସକାଳର ଧୂଳିକଣା ସବୁ
ହେଉ ମଧୁ, ମଧୁ।
ମଧୁମୟ ହେଉ ସବୁ ସ୍ଥାନ,
ସବୁ ପରିବେଶ,
କେହି କୋଉଠି ନ ରହନ୍ତୁ ଉପାଶ,
କୋଉଠି କାହାରି ନ ହେଉ ଶେଷ।

କେହି କାହାରି ନ ହୁଅନ୍ତୁ ଶତ୍ରୁ,
କାହାରି ଅଧୀନରେ କେହି ନ ରହନ୍ତୁ।
ହେ ଦେବ, ହେ ଅସୁର,
ନାଗ, ଗନ୍ଧର୍ବ, ଯକ୍ଷ, ରାକ୍ଷସ, ପିଶାଚ,
ସିଦ୍ଧ, କୁଷ୍ମାଣ୍ଡଗଣ,
ହେ ବୃକ୍ଷ, ପକ୍ଷୀ, ଜଳଚର,
ଭୂଚର, ଆକାଶଚର,
ସଭିଏଁ ହୁଅନ୍ତୁ ତୃପ୍ତ,
ହୋଇଥାନ୍ତୁ ସଂପୂର୍ଣ୍ଣ, ରହାଥାନ୍ତୁ ପ୍ରସନ୍ନ।
ସ୍ତମ୍ଭଠାରୁ ବ୍ରହ୍ମ
ଚରାଚର ଜଗତ ତ୍ରିଭୁବନ।

ହେ ସୂର୍ଯ୍ୟ, ନମସ୍କାର।
ଆପଣ ବ୍ରହ୍ମ, ଆପଣ ବିଷ୍ଣୁ,
ଆପଣ ରୁଦ୍ର, ଜଗତର ସ୍ୱାମୀ,
ସର୍ବଲୋକେଶ, ସୁକୃତ
ଦୁଷ୍କୃତ ସର୍ବକର୍ମ ନିରୀକ୍ଷକ,
ସତ୍ୟଦେବ ପ୍ରଭାକର ହୁଅ ପ୍ରୀତ।
ନ ହୁଅନ୍ତୁ କେହି କୋଉଠି କେବେ ଦରିଦ୍ର।
ନମସ୍କାର, ନମସ୍କାର
ପୁଣି ପୁଣି ନମସ୍କାର।

♥ ତପୋବନ,
ଟିଟିଲାଗଡ-୭୬୭୦୩୩

### ।। ଭାଷାର ମୃତ୍ୟୁ ।।

ମୂଳ ହିନ୍ଦୀ-କୃଷ୍ଣ କୁମାର ତ୍ରିବେଦୀ
ଅନୁସୃଜନ-ବିନୟ କୁମାର ଦାସ

ଅନ୍ୟାନ୍ୟ ତମାମ ବସ୍ତୁ ପରି
ଭାଷାର ବି ମୃତ୍ୟୁ ହୁଏ
ଖୁବ୍ ଧୀରେ ଧୀରେ।
ତେବେ, ସେ ବୁଢ଼ୀଟିଏ ହୋଇ ମରିବ
ଏମିତି କିଛି ଜରୁରୀ କଥା ନୁହେଁ।

ଯେତେବେଳେ ତା'ର ଶବ୍ଦମାନେ
କିଛି ଅର୍ଥ ପ୍ରକାଶ କରିବାର ଶକ୍ତି
ହରାଇ ବସନ୍ତି ଅବା
ହଡବଡେଇ ଯାଆନ୍ତି;
ଯେତେବେଳେ ମୁଠେ ଦାନା ପାଇଁ
କରାଯାଉଥିବା ଲଢେଇରେ
ସେ ହାରିଯାଏ
ଆଉ ତା ଆଡୁ ତା'ର ପ୍ରିୟଜନମାନେ
ମୁହଁ ଫେରାଇ ନିଅନ୍ତି
ସେତେବେଳେ ତାର ମୃତ୍ୟୁ
ଅବଶ୍ୟ ହୁଏ। ♥

# ସାହିତ୍ୟିକଙ୍କର ସାଧନା ଓ ତପସ୍ୟା ଜାରି ରହିଲେ ପୁରସ୍କାର ଓ ସମ୍ମାନ ତାଙ୍କ ପଛରେ ଗୋଡେଇବ : ଶରତ କୁମାର ଦାସ

**ଶରତ କୁମାର ଦାସ ଓଡଆ କବିତା ଜଗତରେ ଗୋଟେ ଜଣାଶୁଣା ନାଁ । ତାଙ୍କ କବିତାମାନଙ୍କରେ ବାସ୍ତବତା ସହ ଅଛି ଜହ୍ନରାତି ପରି ଯେଉଁ ଛଳଛଳ ଭାବ, ମେଘର ବଳୟ ପରି ସମ୍ମୋହନୀ ଶବ୍ଦ ଏବଂ ପ୍ରାର୍ଥନା ପରି ମୋହମୟ ଉପସ୍ଥାପନା ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଦେଖାଏ । କିଶୋର ବୟସରୁ ଲେଖାଲେଖି ଆରମ୍ଭ କରିଥିବା କବି ଶରତ କୁମାର ନାଟକ, ଗଳ୍ପ ଓ ଆଲୋଚନା ମଧ ଲେଖନ୍ତି । ତାଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଛୋଟ ବେଳୁ ସାହିତ୍ୟ ପ୍ରତି ଗଭୀର ରୁଚି ଥିଲା । ପଲ୍ଲୀ ଜୀବନର ପରିବେଶ ସାହିତ୍ୟ ସୃଷ୍ଟି ପାଇଁ ମତେ ପ୍ରଚୁର ଖୋରାକ ଯୋଗେଇଥିଲା । ଗାଁ ବିଦ୍ୟାଳୟରେ ପଢଥିବା ସମୟରେ ଛୋଟ ଛୋଟ କବିତା ମାନ ଲେଖୁଥିଲି । ସେ ଗୁଡିକ ସ୍କୁଲର ୱାଲ ମାଗାଜିନରେ ପ୍ରାୟତଃ ପ୍ରକାଶ ପାଉଥିଲା । ସେ ସମୟରେ କବିତାଟିଏ ପ୍ରକାଶ ପାଇଲେ ଖୁସିରେ ଆତ୍ମହରା ହୋଇ ପଡୁଥିଲି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ?

■■ ସତ କହିବାକୁ ଗଲେ ମୋ ଜୀବନର ସାରସ୍ୱତ ପ୍ରେରଣାର ଉତ୍ସ ଥିଲେ ମୋ ଜେଜେ ମା', ଯାହାଙ୍କୁ ମୁଁ ଗଭୀର ଭକ୍ତି ଓ ଶ୍ରଦ୍ଧା କରୁଥିଲି । କାରଣ ଛୋଟ ବେଳୁ ମୁଁ ତାଙ୍କ ଠାରୁ ଅସରନ୍ତି ଗଳ୍ପ ଓ ଗୀତି କବିତା ଶୁଣିବାର ସୁଯୋଗ ପାଇଥିଲି । ସେ ଖୁବ୍ ଚମତ୍କାର ଭାବରେ ପ୍ରଚୀନ କବିଙ୍କର ଭକ୍ତି ଓ ପ୍ରେମ ରସାତ୍ମକ ଗୀତ ଗୁଡିକ ସୁମଧୁର କଣ୍ଠରେ ଗାଇ ପାରୁଥିଲେ । ଯାହା ଖୁବ୍ ଗଭୀର ଭାବେ ମୋ ଉପରେ ରେଖାପାତ କରିଥିଲା । ତା ଛଡା ସେ ମଧ ରାଜା ରଣୀ, କଲୁରିବେଂଟ, ହଳଦିଆ ପାଟ ଆଦି ଛୋଟ ଛୋଟ ଗପ ମାନ କହି ମତେ ଆପ୍ୟାୟିତ କରୁଥିଲେ । ଯାହା ପରବର୍ତ୍ତୀ ସମୟରେ ଗଳ୍ପ ଲେଖିବାରେ ଖୁବ୍ ଖୋରାକ ଯୋଗେଇଥିଲା । ତେଣୁ ମୁଁ ମୋ ଜେଜେମା'ଙ୍କୁ ଆଜିବି ସାହିତ୍ୟ ଜଗତରେ ମୋର ଆଦ୍ୟ ଗୁରୁ ମା'ରୂପେ ସ୍ମରଣ କରେ ।



ସ୍ମୃତିର ଝର୍କା : ନିଜ ବୋଉଙ୍କ ସହ ଏକ ଆବେଗିକ ମୁହୂର୍ତ୍ତରେ, କିଶୋର ବୟସରେ କବି ଶରତ କୁମାର...

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ପଢୁଥିବା ସମୟରେ ପ୍ରଚୁର ପ୍ରେମ କବିତା ଲେଖୁଥିଲି । ସେ ସମୟରେ ଦୁଇ ତିନୋଟି ନାଟକ ବି ଲେଖି ଗାଁରେ ମଂଚସ୍ଥ କରିଥିଲି । ତେବେ ବିଧିବଦ୍ଧ ଭାବେ କୌଣସି ପତ୍ର ପତ୍ରିକା କିମ୍ବା ସମ୍ବାଦପତ୍ରକୁ ପଠଉ ନ ଥିଲି ।

ତେବେ ବିଧିବଦ୍ଧ ଭାବେ ୧୯୯୦ ମସିହାରେ ମୋର ପ୍ରଥମ କବିତା 'ଝରକାର ଆରପଟେ' ସମାରୋହ ପୂଜା ବିଶେଷାଙ୍କରେ ପ୍ରକାଶ ପାଇଥିଲା । ସେ ଦିନର ଖୁସି କହିଲେ ନ ସରେ ଯାହା ବର୍ଣ୍ଣନା କରିବା ଅସମ୍ଭବ । ତା ପରଠୁ ମୁଁ ଆଉ ପଛକୁ ଫେରିନି । ରୀତିମତ ଭାବେ ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ର ମାନଙ୍କରେ ଲେଖି ଚାଲିଛି । ୨୦୦୦ ମସିହା ଠାରୁ ଗଳ୍ପ ଓ ସ୍ତମ୍ଭ ଲେଖିବାରେ ମଧ ମନୋନିବେଶ କରିଛ । ୨୦୦୧ ମସିହାରେ ମୋର ଏକ କବିତା ସଂକଳନ 'ଚାରୁଲତା ଓ ଅନ୍ୟାନ୍ୟ କବିତା' ଓ ୨୦୧୨ ମସିହାରେ ଏକ ଗଳ୍ପ ସଂକଳନ 'ଭାଙ୍ଗି ପଡୁଥିବା ଆକାଶ' ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେରେ ପ୍ରକାଶ ପାଇଛି ।

■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି ବା ଲେଖକ ହୋଇ ପାରେ ନା । ଆପଣଙ୍କର ଏ ସଂପର୍କରେ ମତ କ'ଣ ?

■■ ଜଣେ ସତ୍ ସାହିତ୍ୟିକ ପାଇଁ ଈଶ୍ୱର ଦତ୍ତ ପ୍ରତିଭା ତ' ନିହାତି ଆବଶ୍ୟକ । ତେବେ ଗଭୀର ଅଧ୍ୟୟନ, ଭ୍ରମଣ, ଅନୁଭବ ଓ ସୂକ୍ଷ୍ମ ଚିନ୍ତନକୁ ମଧ ଅଣଦେଖା କରାଯାଇ ନ ପାରେ । କାରଣ ପରିବର୍ତ୍ତନଶୀଳ ଜଗତରେ ଆମ ଲେଖାର ମଧ ପରିବର୍ତ୍ତନ ହବା ବାଞ୍ଛନୀୟ । ନ ହେଲେ ପାଠକଙ୍କ ଦ୍ୱାରା ଆଦୃତ ହବା କଷ୍ଟକର ।

■ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସତ୍ତ୍ୱେ ଯେତିକି ଅଗ୍ରଗତି କରିବା କଥା, ସେତିକି କରିପାରିନାହିଁ ବୋଲି କୁହାଯାଏ । ଏ ସମ୍ପର୍କରେ କଣ କହିବେ ?

■■ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ନିଶ୍ଚିତ ରୂପେ ଆମ ସାହିତ୍ୟ ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରି ପାରିଛି । ତେବେ ଆମ ଭାଷାର ଅନେକ ପ୍ରଚୀନ ଗ୍ରନ୍ଥ ହିନ୍ଦୀ ତଥା ଅନ୍ୟାନ୍ୟ ଭାଷାରେ ଅନୁଦିତ ହୋଇପାରିଲେ ତାହା ବିଶେଷ ପାଠକୀୟ ସ୍ୱୀକୃତି ଲାଭ କରି ପାରନ୍ତା । ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯତ୍ନବାନ ହବା ଆବଶ୍ୟକ ।

■ କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ କଣ ଆପଣଙ୍କର ଅଛି ?

■■ କବିତା କବିତା ପରି ବଂଚି ରହୁ । କବିତା ପାଠକଙ୍କ ହୃଦୟରେ ଆନନ୍ଦ ଭରି ଦଉ ଓ ସମାଜକୁ ଦିଗଦର୍ଶନ ଦଉ । କବିତା ଜଣ ଭୋଗ୍ୟା ନ ହୋଇ ଗଣ ଭୋଗ୍ୟା ହଉ ଓ ସାଧାରଣ ପାଠକେ ସହଜରେ ବୁଝି ପାରନ୍ତୁ । ତେବେ ପ୍ରତ୍ୟେକ କବିଙ୍କର ମୌଳିକ ଚିନ୍ତାଧାରା ଓ ଶୈଳୀ ଅକ୍ଷୁର୍ଣ୍ଣ ରହିବା ଆବଶ୍ୟକ ।

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ?

■■ ଓଡ଼ିଆ ସାହିତ୍ୟର ଭବିଷ୍ୟତ ଉଜ୍ଜଳ । ବର୍ତ୍ତମାନ ପରିସ୍ଥିତିରେ ସୁନ୍ଦର, ବୌଦ୍ଧିକ ଓ ଉତ୍ତର ଆଧୁନିକ କବିତା ମାନ ଲେଖା ଯାଉଛି । ଯଦିଓ କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ଅନ୍ୟ ଭାଷାର ସାହିତ୍ୟ ଠାରୁ ଆମେ ଟିକିଏ ପଛରେ ପଡି ଯାଇଛୁ, ସେଥିପାଇଁ ଗାଳ୍ପିକ ଓ ଔପନ୍ୟାସିକ ମାନେ ପ୍ରଚେଷ୍ଟା ଜାରି ରଖନ୍ତୁ । ସାହିତ୍ୟ ସରଳ ଓ ବୋଧଗମ୍ୟ ହଉ । ଭିନ୍ନ ଭିନ୍ନ ସାରସ୍ୱତ ଅନୁଷ୍ଠାନ ମାନଙ୍କରେ ସାହିତ୍ୟ ଚର୍ଚ୍ଚା ଜାରି ରହୁ । ଗାଁ ଗାଁ ମାନଙ୍କରେ ଭ୍ରାମ୍ୟମାଣ ସାହିତ୍ୟ ସଭାର ଆୟୋଜନ ହଉ । ଖବର କାଗଜ ମାନଙ୍କରେ ଅନୁବାଦ ସାହିତ୍ୟ ପ୍ରତି ଗୁରୁତ୍ୱ ଦିଆଯାଉ । ଯୁବ ପିଢ଼ିଙ୍କୁ ସାହିତ୍ୟ ପତ୍ର ପତ୍ରିକା ମାନଙ୍କରେ ବିଶେଷ ରୂପେ ସ୍ଥାନ ଦିଆଯାଉ, ତେବେ ଯାଇ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? କବିତା ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉବୋଲି ଆପଣ ଚହିଁବେ ?

■■ ଯଦିଓ ସାହିତ୍ୟରେ ସମ୍ମାନ ଓ ପୁରସ୍କାରର ଆବଶ୍ୟକତା ରହିଛି ତଥାପି ଏ ମିଠା ବିଷ ପଛରେ କବି କିମ୍ବା ଲେଖକଟିଏ ଦୌଡିବା ଉଚିତ ନୁହେଁ । ସାହିତ୍ୟିକଙ୍କର ସାଧନା ଓ ତପସ୍ୟା ଜାରି ରହିଲେ ପୁରସ୍କାର ଓ ସମ୍ମାନ ତାଙ୍କ ପଛରେ ଗୋଡେଇବ । ତେବେ କବିତା ସହଜ, ସୁନ୍ଦର, ବୋଧଗମ୍ୟ ହଉ । କବିତା ପାଠକଙ୍କୁ ଆନନ୍ଦ ଦଉ, ବିଭୋର କରୁ । ହୃଦୟରେ ବାନ୍ଧି ରଖୁ, ଯାହା ଫଳରେ ସାଧାରଣ ପାଠକେ କବିତା ପ୍ରତି ଆକୃଷ୍ଟ ହେବେ ।

❤❤

■ ଅଳ୍ପରେ କବି ଶରତ କୁମାର ଦାସ ...

ଜନ୍ମ-୨୨..୦୯..୨୦୬୧

ବର୍ତ୍ତମାନର ଠିକଣା :

ବାଲିଆପାଳ, ବଈଁଶୀରିଆ, ଯାଜପୁର

■ ପ୍ରକାଶିତ ପୁସ୍ତକ ■

ଚାରୁଲତା ଓ ଅନ୍ୟାନ୍ୟ କବିତା (କବିତା ସଂକଳନ )

ଭାଙ୍ଗିପଡୁଥିବା ଆକାଶ (ଗଳ୍ପ ସଂକଳନ )





ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ...



କବି ବନ୍ଧୁମାନଙ୍କ ଗହଣରେ କବି ଶରତ କୁମାର ଦାସ...



ସୁଖୀ ପରିବାର : ପତ୍ନୀ, ପୁତ୍ର ଓ କନ୍ୟାଙ୍କ ସହ କବି ଶରତ କୁମାର ଦାସ...





ସାହିତ୍ୟ ସଭାରେ କବି ଶରତ କୁମାର...

# କାଶ୍ମୀର ନିର୍ବାଚନରେ ପାକିସ୍ତାନର ପ୍ରତିକ୍ରିୟା

## ଡକ୍ଟର ଲକ୍ଷ୍ମଣ ସାହୁ



ପାକିସ୍ତାନ ପୁଣି ଥରେ ଭାରତ ବିରୋଧରେ ବିଷ ଉଦ୍ଗାର କରିବା ଆରମ୍ଭ କରିଛି । ୧୦ ବର୍ଷ ପରେ ଜାମ୍ମୁ କାଶ୍ମୀରରେ ଅନୁଷ୍ଠିତ ହେବାକୁ ଥିବା ଏହି ବିଧାନସଭା ନିର୍ବାଚନକୁ ପାକିସ୍ତାନ ହାସ୍ୟାସ୍ପଦ ବୋଲି କହିଛି । ପ୍ରଥମ ପର୍ଯ୍ୟାୟରେ ବମ୍ପର ଭୋଟ୍ ପରେ ପାକିସ୍ତାନର ଏହି ବିବୃତ୍ତି ଆସିଛି । ପ୍ରଥମ ପର୍ଯ୍ୟାୟ ଭୋଟ୍ ସେପ୍ଟେମ୍ବର ୧୮ରେ ଜାମ୍ମୁ କାଶ୍ମୀରର ୨୪ ଟି ବିଧାନସଭା ଆସନ ପାଇଁ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୬୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ବମ୍ପର ଭୋଟିଂ ଉପରେ ପାକିସ୍ତାନ ବୈଦେଶିକ କାର୍ଯ୍ୟାଳୟ ମୁଖପାତ୍ର ମମତାଜ ଜାହରା ବାଲୋଚ କହିଛନ୍ତି ଯେ ଭାରତର ବେଆଇନ ଭାବେ ଜମ୍ମୁ-କାଶ୍ମୀରରେ ଏହି ନିର୍ବାଚନର ଅନ୍ତର୍ଜାତୀୟ ସ୍ତରରେ କୌଣସି ମୂଲ୍ୟ ନାହିଁ । ବାଲୁଚ କହିଛନ୍ତି ଯେ ଆମେ ଭାରତକୁ ମନେ ପକାଇବାକୁ ଚାହୁଁଛୁ ଯେ ଆନ୍ତର୍ଜାତୀୟ ଆଇନ ଦୃଷ୍ଟିରୁ ଏହି ନିର୍ବାଚନର କୌଣସି ଆଇନଗତ ସ୍ଥିତି ନାହିଁ ।

ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପକୁ ପାକିସ୍ତାନ ବୈଦେଶିକ କାର୍ଯ୍ୟାଳୟ ମୁଖପାତ୍ର କହିଛନ୍ତି । ଜାତିସଂଘର ତତ୍ତ୍ୱାବଧାନରେ ଓ କାଶ୍ମୀରବାସୀଙ୍କ ଇଚ୍ଛା ଅନୁଯାୟୀ ଜାମ୍ମୁ କାଶ୍ମୀର ବିବାଦର ଚୂଡ଼ାନ୍ତ ସମାଧାନ ଏକ ଉପନିର୍ବାଚନ ମାଧ୍ୟମରେ କରାଯିବ ବୋଲି ବାଲୁଚ କହିଛନ୍ତି । ସେ କହିଛନ୍ତି ଯେ ଦଶନ୍ଧି ଦଶନ୍ଧି ଧରି ଲୋକମାନେ ବୃତ୍ତିରେ ଅଛନ୍ତି । କାଶ୍ମୀରର ରାଜନୈତିକ ବନ୍ଦୀମାନଙ୍କ ସଂଖ୍ୟା ହଜାରେ । ୧୪ଟି ରାଜନୈତିକ ଦଳକୁ ବେଆଇନ ଘୋଷଣା କରାଯାଇଛି । ବିଶେଷ କରି ଭୟର ପରିବେଶରେ ଏହି ନିର୍ବାଚନରେ କୌଣସି ବୈଧତା ନାହିଁ । ଜାତିସଂଘ ସୁରକ୍ଷା ପରିଷଦର ନିଷ୍ପତ୍ତି ଅନୁଯାୟୀ ଜାମ୍ମୁ କାଶ୍ମୀର ବିବାଦର ନ୍ୟାୟପୂର୍ଣ୍ଣ ତଥା ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ପାକିସ୍ତାନ କାଶ୍ମୀରର ଭାଇ ଓ ଭଉଣୀମାନଙ୍କୁ ରାଜନୈତିକ, କୂଟନୈତିକ ଓ ନୈତିକ ସହାୟତା ପ୍ରଦାନ ଜାରି ରଖିବ ବୋଲି ବାଲୁଚ କହିଛନ୍ତି ।

ଜାମ୍ମୁ କାଶ୍ମୀର ବିବାଦକୁ ନେଇ ବାଲୁଚ ପୂର୍ବରୁ ମଧ୍ୟ ସମାନ ବିବୃତ୍ତି ଦେଇଥିଲେ । ସେ ଏହି ମାସରେ କହିଥିଲେ ଯେ ଜାମ୍ମୁ କାଶ୍ମୀର ବିବାଦକୁ ଏକପାଖିଆ ଭାବେ ସମାଧାନ କରାଯାଇପାରିବ ନାହିଁ । ଏହି ପ୍ରସଙ୍ଗ ଆନ୍ତର୍ଜାତୀୟ ସ୍ତରରେ ବିବାଦୀୟ ଅଟେ । ସୁରକ୍ଷା ପରିଷଦର ସଂକଳ୍ପ ଓ କାଶ୍ମୀରବାସୀଙ୍କ ଇଚ୍ଛା ଅନୁଯାୟୀ ଏହାର ସମାଧାନ ହେବା ଉଚିତ୍ । ଦକ୍ଷିଣ ଏସିଆରେ ଶାନ୍ତି ଓ ସ୍ଥିରତା ପାଇଁ ଏହି ସମାଧାନ ହୋଇନଥିବା ବିବାଦର ସମାଧାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । କୂଟନୈତିକ ଓ କଥାବାର୍ତ୍ତା ପାଇଁ ପାକିସ୍ତାନ ପ୍ରତିଶ୍ରୁତିବଦ୍ଧ । କିନ୍ତୁ କୌଣସି ଶତ୍ରୁ କାର୍ଯ୍ୟାନୁଷ୍ଠାନ ଉପରେ ଜବାବ ଦେବ ବୋଲି ବାଲୁଚ କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ବମ୍ପର ଭୋଟ୍ ଉପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ଯେଉଁଠାରେ ଭୟ ଓ ହିଂସା ଛାଇରେ ନିର୍ବାଚନ ଘଟିଥିଲା , ପ୍ରଥମ ପର୍ଯ୍ୟାୟ ଶାନ୍ତିପୂର୍ଣ୍ଣ ଭାବରେ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ସେଠାରେ ୬୧.୧୧ ପ୍ରତିଶତ ମତଦାନ ହୋଇଥିଲା ।

ଚିନ୍ତା କରିବାର କଥା ହେଉଛି କାହିଁକି ପାକିସ୍ତାନ ଜାମ୍ମୁ କାଶ୍ମୀର ଉପରେ ବାରମ୍ବାର ହଇରାଣ ହରକତ କରୁଛି ? ସେଠାରେ ଶାନ୍ତିପୂର୍ଣ୍ଣ ଓ ବମ୍ପର ଭୋଟ୍ ଦେଖିବା ପରେ ସେ କାହିଁକି ଚିତ୍କାର କରୁଛି ? ଏଥିପାଇଁ ଜାମ୍ମୁ କାଶ୍ମୀର ସ୍ୱାଧୀନତା ପରେ କିପରି ସ୍ୱତନ୍ତ୍ର ମାନ୍ୟତା ପାଇଲା ଏବଂ ସେକ୍ସନ୍ ୩୭୦ ଏବଂ ୩୫କ ୩୫ଇ ର ବ୍ୟବସ୍ଥା କିପରି ଆସିଲା ତାହା ଜାଣିବା ଜରୁରୀ ଅଟେ । ଜାମ୍ମୁ କାଶ୍ମୀରର ଭାରତୀୟ ପ୍ରାଧାନ୍ୟରେ ମିଶ୍ରଣର ଇତିହାସ ଜଣାଶୁଣା । ୧୯୪୭ ଅଗଷ୍ଟ ୧୫ ରେ ସ୍ୱାଧୀନତା ପରେ ଜାମ୍ମୁ କାଶ୍ମୀରର ଅବସ୍ଥା ଖରାପ ହୋଇ ଅର୍ଥନୈତିକ ସଙ୍କଟ ଓ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲା । ମୁସଲିମ ସଂଖ୍ୟାଗରିଷ୍ଠ ରାଷ୍ଟ୍ର ସେହି ଦେଶରେ ଯୋଗ ଦେଇନଥିବା କଥା ପାକିସ୍ତାନ ଗ୍ରହଣ କରିପାରିବ ନାହିଁ । ସେଠାରେ ଗୁପ୍ତଚର ଇନପୁଟ ଥିଲା ଯେ ପାକିସ୍ତାନ ଅନୁପ୍ରବେଶକାରୀ ତଥା ନିଜସ୍ୱ ସୈନିକମାନଙ୍କୁ ବହୁ ଆହତ କରିଥିଲା ।

୨୯୪୭ ଅକ୍ଟୋବର ୨୨ ରେ ସଜ୍ଜିତ କବାଲିସ୍ ଉତ୍ତରରୁ କାଶ୍ମୀର ଉପରେ ଆକ୍ରମଣ କରି ଶୀଘ୍ର ରାଜଧାନୀ ଶ୍ରୀନଗର ଆଡକୁ ଅଗ୍ରସର ହେଲେ । କବାଲିସ୍ ମୂଳତଃ ପଠାନ ଥିଲେ ଓ ପାକିସ୍ତାନର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରୁ ଆସିଥିଲେ । ସେମାନଙ୍କ ସଂଖ୍ୟା ୧୦, ୦୦୦ ରୁ ୧୩, ୦୦୦ ମଧ୍ୟରେ ଥିଲା । ପାକିସ୍ତାନ ସେନା ଦ୍ୱାରା ଦିଆଯାଇଥିବା ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଥିଲେ । ଶ୍ରୀନଗରର ସୁରକ୍ଷା ସୁନିଶ୍ଚିତ କରିବା ପରେ ଭାରତୀୟ ସୈନ୍ୟମାନେ ବିଦ୍ରୋହୀମାନଙ୍କ ଦ୍ୱାରା ଧରାଯାଇଥିବା ଉପତ୍ୟକାର ଅନ୍ୟାନ୍ୟ ଅଂଶ ସଫା କରିବାକୁ ଲାଗିଲେ । ୧୯୪୭ ନଭେମ୍ବର ୧୧ ସୁଦ୍ଧା, ବାରାମୁଲ୍ଲା ଓ ଉରି ସହରଗୁଡ଼ିକ ପୁନଃ ପ୍ରାପ୍ତ ହୋଇ କବାଲି ନିୟନ୍ତ୍ରଣରୁ ମୁକ୍ତ କରାଯାଇଥିଲା । ବିଶେଷତଃ ଶୀତଦିନ ଆରମ୍ଭ ହେବା ସହିତ ସାମରିକ କାର୍ଯ୍ୟ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା । ସାମରିକ ନେତୃତ୍ୱ ଅଗ୍ରଗତି ଜାରି ରଖିବାକୁ ଚାହୁଁଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀ ନେହେରୁ ଶେଖ ଅବଦୁଲ୍ଲା କାଶ୍ମୀରର ଆଭ୍ୟନ୍ତରୀଣ ବ୍ୟାପାର ଉପରେ ଧ୍ୟାନ ଦେଇଥିଲେ । କାଶ୍ମୀର ଯଥା ଗିଲ୍ଗିଟ୍ ଓ ବାଲ୍ଟିସ୍ତାନର ଅପହଞ୍ଚ ଅଂଶ ପ୍ରତି କେହି ଅଧିକ ଧ୍ୟାନ ଦେଇନଥିଲେ । ଏହାକୁ ବେଆଇନ ଭାବେ ପାକିସ୍ତାନ (ପୋକ୍) ଦଖଲ କରିଥିଲା ।

୧୯୪୯ ମସିହାରେ ଶେଖ ଅବଦୁଲ୍ଲା ଜାମ୍ମୁ କାଶ୍ମୀରର ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତ ହୋଇଥିଲେ । ସେ ମଧ୍ୟ ସମ୍ବିଧାନ ସଭାର ଏକ ଅଂଶ ହୋଇଥିଲେ ଯାହା ଭାରତୀୟ ସମ୍ବିଧାନ ପ୍ରସ୍ତୁତ କରୁଥିଲା । କିନ୍ତୁ ସେତେବେଳେ ମିଳିତ ଜାତିସଂଘ ଜାମ୍ମୁ କାଶ୍ମୀରର ସ୍ଥିତି ସ୍ଥିର କରିବାକୁ ଉପନିର୍ବାଚନ କରିବାକୁ ଉଭୟ ଭାରତ ଓ ପାକିସ୍ତାନ ଉପରେ ମଧ୍ୟ ଚାପ ପକାଉଥିଲା । ବୋଧହୁଏ ଶେଖ ଅବଦୁଲ୍ଲା ଜାମ୍ମୁ କାଶ୍ମୀର ରାଜ୍ୟ ପାଇଁ ଭାରତର ଏକ ଅଂଶ ହୋଇ ରହିବା ପାଇଁ କିଛି ବିଶେଷ ପଦକ୍ଷେପ ନେବା ଆବଶ୍ୟକ କରିଥିଲେ । ବିଶେଷ କରି ଏଥିରେ ଅନ୍ୟାନ୍ୟ କାରଣ ମଧ୍ୟ ଥାଇପାରେ ।

୧୯୫୦ ଜାନୁଆରୀ ରେ ଲାଗୁ ହୋଇଥିବା ଭାରତୀୟ ସମ୍ବିଧାନ ଜମ୍ମୁ-କଶ୍ମୀରକୁ ଧାରା ୩୭୦ ମାଧ୍ୟମରେ ସ୍ୱତନ୍ତ୍ର ମାନ୍ୟତା ଦେଇଥିଲା । ଜାମ୍ମୁ କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯାଇଥିଲା ଓ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ ବ୍ୟତୀତ ରାଜ୍ୟକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଥିଲା । ରାଜ୍ୟରେ ମଧ୍ୟ ଅଲଗା ପତାକା ଥିଲା । କଳ୍ପନା କରିବା କଷ୍ଟସାଧ୍ୟ ନୁହେଁ ଯେ ଭାରତ ସହିତ ମିଶ୍ରିତ ହୋଇଥିବା ଅନ୍ୟ ରାଜକୁମାର ରାଜ୍ୟମାନେ ଜାମ୍ମୁ କାଶ୍ମୀର ରାଜ୍ୟକୁ ଦିଆଯାଇଥିବା ସ୍ୱତନ୍ତ୍ର ସ୍ଥିତିକୁ ନେଇ ଅସନ୍ତୁଷ୍ଟ ହୋଇଥାନ୍ତେ । ଜାମ୍ମୁ କାଶ୍ମୀରକୁ ଭାରତ ୟୁନିଅନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ରଖିବା ପାଇଁ ବୋଧହୁଏ ଏହା ଏକ ମୂଲ୍ୟ ଥିଲା । ୧୯୫୦ ଡିସେମ୍ବରରେ ସର୍ଦ୍ଦାର ଭାଲାଭଭାଇ ପଟେଲଙ୍କ ଦେହାନ୍ତରେ ଭାରତ ଦେଶରେ କୌଣସି ପ୍ରମୁଖ ନେତା ରହି ନଥିଲେ ଯିଏ ଜାମ୍ମୁ କାଶ୍ମୀରର ବାକି ଭାରତ ସହିତ ପ୍ରକୃତ ଏକୀକରଣକୁ ନିଶ୍ଚିତ କରିପାରନ୍ତି ।

ଜାମ୍ମୁ କାଶ୍ମୀରର ଲୋକମାନେ ରାଜ୍ୟର ସ୍ୱତନ୍ତ୍ର ମାନ୍ୟତା ପାଇ କ'ଣ ହାସଲ କରିଛନ୍ତି ତାହା ମଧ୍ୟ ଜାଣିବା ଜରୁରୀ ଅଟେ । ୧୯୯୦ ରେ ଆତଙ୍କବାଦ ଆରମ୍ଭ ହେବା ପୂର୍ବରୁ ରାଜ୍ୟ ପ୍ରାୟ ୪୦ ବର୍ଷର ସୁଖ ଶାନ୍ତି ଉପଭୋଗ କରିଥିଲା । ଏହି ସମୟ ମଧ୍ୟରେ ଅଥାର୍ଥ ୧୯୬୫ ଓ ୧୯୭୧ ରେ ରାଜ୍ୟ ଦୁଇଟି ଭୂକମ୍ପ ର ସାକ୍ଷୀ ହୋଇଥିଲା । ଏହି ଅବଧି ମଧ୍ୟରେ, ଭାରତ ଏକ ଦୁର୍ବଳ ଅର୍ଥନୀତି ହୋଇଥିଲେ ହେଁ ଜାମ୍ମୁ କାଶ୍ମୀର ରାଜ୍ୟ ସର୍ବାଧିକ ଆର୍ଥିକ ସହାୟତା ପାଇଥିଲା । ରାଜ୍ୟରେ ଲକ୍ଷ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯାଇଥିଲା , କିନ୍ତୁ ତୃଣମୂଳ ସ୍ତରରେ ଅଧିକ ବିକାଶ ହୋଇ ପାରିନଥିଲା । ଜାମ୍ମୁ ପର୍ଯ୍ୟନ୍ତ ରେଳ ସଂଯୋଗ ମଧ୍ୟ ରହିଥିଲା । ନବେ ଦଶକରୁ ରାଜ୍ୟ ଆତଙ୍କବାଦର ଅତ୍ୟାଚାରରେ ଥିଲା । ଯାହା ଫଳରେ ଏହାର ବିକାଶ ସୀମିତ ରହିଲା । ଗତ ଦଶନ୍ଧି ମଧ୍ୟରେ, ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡିକ, ରଣନୈତିକ ସଂଯୋଗ ପାଇଁ ଆବଶ୍ୟକ ପ୍ରୋଜେକ୍ଟଗୁଡିକ ଉଭା ହୋଇଛି ଓ ବହୁ କାର୍ଯ୍ୟ କରାଯାଇଛି । ପଞ୍ଚାୟତ ନିର୍ବାଚନ ବିକାଶର ଫଳ ଆଣି ଗ୍ରାମ ସ୍ତରକୁ ଆଣିଛି । ତେବେ ସେ ଯାହା ହେଉ ପାକିସ୍ତାନର ପ୍ରତିକ୍ରିୟା କେତେ ଦୂର ଯଥାର୍ଥ ତାହା ବିଚାର ସାପେକ୍ଷ..!!!

♥ ତାରା ନିଳୟ , ପ୍ଲଟ: ୮୫୪/ଏ
ଚାଚେରା ଶବରସାହି, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫
ମୋ: ୯୦୪୦୧୫୧୪୭୫

# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

### (୪୧)
### ବିଶ୍ୱାସର ପାତ୍ର

ମୁଁ କଲେଜରେ ଯୋଗ ଦେବାର ଅଳ୍ପ କେତେବର୍ଷ ପରର ଘଟଣା । ଅଧ୍ୟାପକମାନେ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କଲେଯେ ସେମାନଙ୍କୁ ଜାଣିଶୁଣି ହଇରାଣ କରାଯାଉଛି । କେଉଁଦିନ ଜଣେ ଅଧ୍ୟାପକଙ୍କର ସକାଳ ୯ଟାରେ କ୍ଲାସ ଥିଲେ ପୁଣି ଅପରାହ୍ନ ୩ଟାପରେ କ୍ଲାସ ରହୁଛି । ପୁଣି ,ଅନ୍ୟଦିନେ ସକାଳ ୯ରୁ ଅପରାହ୍ନ ୩/ଘ୩ .୪୫ଯାଏ ଅନବରତ କ୍ଲାସ ନେବାକୁ ପଡୁଛି । ପ୍ରତିକାର ନିମନ୍ତେ ଶିକ୍ଷାଦାନ ସମୟ ନିର୍ଘଣ୍ଟ (ରୁଟିନ୍) ଦାୟିତ୍ୱରେ ଥିବା ଅଧ୍ୟାପକଙ୍କୁ ଅନୁରୋଧ କଲେବି ସେ ଶୁଣୁ ନାହାନ୍ତି । ବ୍ୟକ୍ତିଗତ ଭାବରେ ଅଧ୍ୟକ୍ଷ ଡ.ମୃତ୍ୟୁଞ୍ଜୟ ଭଞ୍ଜ ତାହାର ସଂଶୋଧନ ନିମନ୍ତେ ସେ ଅଧ୍ୟାପକଙ୍କୁ ନିର୍ଦ୍ଦେଶ ଦେଲେବି କୌଣସି ସୁଫଳ ନ ମିଳିବାରୁ ଦିନେ ସେ ମୋତେ ତାଙ୍କ କାର୍ଯ୍ୟାଳୟକୁ ଡାକିଲେ ଓ ସମସ୍ତଙ୍କୁ ସୁହାଇଲା ଭଳି ଏକ ଶିକ୍ଷାଦାନ ନିର୍ଘଣ୍ଟ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଲେ । ମୁଁ ଜଣେ କନିଷ୍ଠ ଅଧ୍ୟାପକ କେବଳ ନୁହେଁ, ସେ ଦିଗରେ ମୋର କୌଣସି ପୂର୍ବ ଅଭିଜ୍ଞତାବି ନାହିଁ। ତେଣୁ,ଏଭଳି ଏକ ଗୁରୁଦାୟିତ୍ୱ ମୋ ମଥାରେ ଲଦି ଦେଲେ ମୁଁ ତାଙ୍କର ଆଶା ପୂରଣଦିଗରେ ସଫଳ ହୋଇ ପାରିବି କିନା ସେଥିପାଇଁ ମୋର ସନ୍ଦେହ ପ୍ରକାଶକଲି । ସେ କିନ୍ତୁ ମୋତେ ଉତ୍ସାହତ କଲେ । ମୋର ଆତ୍ମବିଶ୍ୱାସ ବୃଦ୍ଧିପାଇଲା। ଶେଷରେ ମୁଁ ମୋର ସ୍ୱୀକୃତିଦେଲି। ତଦନୁଯାଇ କଲେଜରେ ନୋଟିସ ବାହାରିଲା । କଲେଜ ରୁଟିନ୍ ଦାୟିତ୍ୱରେ ଥିବା ଅଧ୍ୟାପକଙ୍କ ଆକ୍ରୋଶର ଶିକାର ହେଲି ମୁଁ ।

ମୁଁ ଜୀବନରେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହୋଇଛି, ପଛେଇ ଯାଇନି। ଏହାକୁବି ଏକ ଆହ୍ୱାନ ଭାବରେ ଗ୍ରହଣ କରିନେଲି। ବ୍ୟକ୍ତିଗତ ଭାବରେ ପ୍ରତି ବିଭାଗର ମୁଖ୍ୟଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ବୁଝିଲି। ଏତଦ୍ ବ୍ୟତୀତ, କେତେଜଣ ଅଧ୍ୟାପକ ବନ୍ଧୁ ସେମାନଙ୍କ ବ୍ୟକ୍ତିଗତ ସମସ୍ୟା ମୋତେ ଜଣାଇଲେ । ସେସବୁକୁ ବିଚାରକୁ ନେଇ ଭଗବାନଙ୍କୁ ସ୍ମରଣକରି ରୁଟିନ ପ୍ରସ୍ତୁତ କରିବାରେ ଲାଗିଲି ।

କାମକୁ ଉହ୍ଲାଇବାପରେ ଅସଲ ସମସ୍ୟା ଦେଖାଦେଲା । କଲେଜର ପ୍ରକୋଷ୍ଠ ଓ ହଲ ସଂଖ୍ୟା ବହୁତ କମ୍ , ଅଥଚ ଶିକ୍ଷାଦାନ ପାଇଁ ବିଷୟ ଓ ବିଭାଗ (କଳା ବିଜ୍ଞାନ ଓ ବାଣିଜ୍ୟ ) ଅନେକ ବେଶି । ପୁଣି, ଛାତ୍ର ସଂଖ୍ୟା ବହୁ ଅଧିକ। ଏତଦ୍ ବ୍ୟତୀତ, ଟିଉଟୋରିଆଲ କ୍ଲାସବି ହେବ। ବହୁ ପରିଶ୍ରମ କରି ରୁଟିନ୍ ଆଠଦିନ ଭିତରେ ପ୍ରସ୍ତୁତକରି ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କଲି । ସେ ସନ୍ତୋଷ ପ୍ରକାଶକଲେ । ତଦନୁଯାଇ ପଢାପଢି ଚାଲିଲା । କିଛି ଛୋଟମୋଟ ଅସୁବିଧା ଯାହା ଦେଖାଦେଲା ମୁଁ ତାକୁ ସଂଶୋଧନ କରିଦେଲି । ବୋଧହୁଏ, ଏହାପରେ ଆଠ/ଦଶ ଶିକ୍ଷାଦାନ ବର୍ଷରେ ମୁଁ ରୁଟିନ୍ ଦାୟିତ୍ୱରେ ଥିଲି ।

ଅନ୍ୟ ଏକ ଗୁରୁ ଦାୟିତ୍ୱ ମୋଉପରେ ଆକସ୍ମିକ ଭାବରେ ଲଦି ଦିଆଗଲା -- ମୁଁ ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀମାନଙ୍କ ତରଫରୁ ପରିଚାଳନା ସମିତିକୁ ମନୋନୀତ ହେଲି । ସମସ୍ତ ଯୁବ ବନ୍ଧୁଙ୍କର ବିଶ୍ୱାସର ପାତ୍ରହେଲି ମୁଁ । ପ୍ରଥମରୁ ଯୁବ ଅଧ୍ୟାପକ ଓ କର୍ମଚାରୀମାନଙ୍କ ସହିତ ସହଜରେ ମିଶିଯାଇ ପାରୁଥିଲି ଓ ସେମାନଙ୍କ ବ୍ୟକ୍ତିଗତ ସମସ୍ୟାମାନ ସମାଧାନରେ ସହାୟତା କରୁଥିଲି। ସେଇଥିପାଇଁ ବୋଧହୁଏ ସେମାନେ ମୋ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ । ସେବେଳର ଘରୋଇ କଲେଜମାନଙ୍କର ସମସ୍ୟା ଅନେକ । ବିଶେଷତଃ, ଆମ କଲେଜର ପ୍ରତ୍ୟେକ ପରିଚାଳନା ସମିତିର ସଂପାଦକ ନୂତନ ଅଣ ଶିକ୍ଷକ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଥିଲେ ଆବଶ୍ୟକତାକୁ ବିଚାରକୁ ନନେଇ । ସେମାନଙ୍କ ନିଯୁକ୍ତି ଆଇନ ସମ୍ମତ କିନା, ସେମାନେ ସ୍ଥାୟୀ ହୋଇ ପାରିବେକିନା --ଏସବୁ କଥା ସେମାନେ ବିଚାରକୁ ନେଇ ନଥିଲେ । ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀ କଲେଜକୁ ପ୍ରତିଦିନ ଆସିଲେ । ମାସ ଶେଷରେ ଦରମା ମାଗିଲେ । ପ୍ରକୃତ ପରିସ୍ଥିତି ସେମାନଙ୍କୁ ଜଣାଇଦେବାରୁ ସେମାନେ ଦୁଃଖରେ ଭାଙ୍ଗି ପଡିଲେ । ମାନବିକତା ଦୃଷ୍ଟିକୋଣରୁ ସେମାନଙ୍କୁ କଲେଜରୁ ବହିଷ୍କାର ନକରି ବା ସେମାନଙ୍କ ନିଯୁକ୍ତିକୁ ଅବୈଧ ବୋଲି ଘୋଷଣା ନକରି ସେମାନଙ୍କୁ କଲେଜକୁ ଆସିବାକୁ ଦିଆଗଲା ଓ ପ୍ରତ୍ୟେକଙ୍କୁ ଅଳ୍ପଅଳ୍ପ କରି ମାସିକ ଦରମାବି ମିଳିଲା । କଥାହେଲା, ଛାତ୍ରସଂଖ୍ୟା ବଢିଲେ କାର୍ଯ୍ୟଭାର ବଢିବ ଓ ଅନ୍ୟ କେହି ଅବସର ନେଲେ ବରିଷ୍ଠତା ଦୃଷ୍ଟିରୁ କ୍ରମାନ୍ୱୟରେ ନିଯୁକ୍ତିକୁ ସ୍ଥାୟୀ କରାଯିବ ।

ତଦନୁଯାୟୀ, ହରିହର ଜେନା, ମୁରାରୀ ମୋହନ ରାଉତ, ଯୋଗେଶୋ ଓ ଆଉ ଜଣେ ଦୁଇଜଣଙ୍କ ବ୍ୟତୀତ ଅବ୍ୟ ସମସ୍ତ ପିଅନ , କିରାଣୀ ତଥା ବିଜ୍ଞାନ ବିଭାଗର କର୍ମଚାରୀ ମାନଙ୍କର ନିଯୁକ୍ତି ସ୍ଥାୟୀ ହେଲା ।

ଅଳ୍ପଦିନ ପରେ ଆମେ ଜାଣି ପାରିଲୁଯେ ସମକାଳୀନ ବିଭିନ୍ନ ଘରୋଇ କଲେଜରେ ଏହିପରି ଅବସ୍ଥା ଉପୁଜିଥିଲା । ଯେହେତୁ ଘରୋଇ କଲେଜର ପରିଚାଳନା ସମିତିମାନ ରାଜନେତା ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା, ତେଣୁ ସରକାର ମଧ୍ୟ ପ୍ରତି ଘରୋଇ କଲେଜରେ ଆବଶ୍ୟକତାଠାରୁ ଅଧିକ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ଛଟେଇନକରି ସେମାନଙ୍କୁ ସ୍ଥାୟୀ କରିବାପାଇଁ ବିଭିନ୍ନ ପଦକ୍ଷେପ ନେଉଥିଲେ ।

ସେହିପରି , ଅଧ୍ୟାପକ ବନ୍ଧୁମାନଙ୍କର ଅନେକ ସମସ୍ୟା ମୁଁ ଯଥାଯଥ ଭାବରେ ପରିଚାଳନା ସମିତିରେ ଉପସ୍ଥାପନକରି ସମାଧାନ କରାଇବାରେ ସହାୟତା କରିଛି ।

୧୯୬୭ ମସିହାରୁ ରହିଆସିଥିବା ଅଭ୍ୟାସ ଅନୁଯାୟୀ ଏହି ସମୟରେ ମଧ୍ୟ, ରାତିରେ ଓ ଛୁଟିଦିନ ମାନଙ୍କରେ ଅଧିକାଂଶ ପାରିବାରିକ ଓ ଗ୍ରାମ୍ୟବିବାଦର ମିମାଂଶା କରିବାରେ ସହାୟତା କରିଛି ଜଣେ ପଞ୍ଚ ବା ପଞ୍ଚୟତଦାର ଭାବରେ। ଅଧ୍ୟାପକ ହରେକୃଷ୍ଣ ଦାସ, ରାଜକିଶୋର ଜେନା, ଶ୍ୟାମସୁନ୍ଦର ପାଳ, ଶ୍ୟାମ ସୁନ୍ଦର ଧର, ଅଧ୍ୟାପକ ସତ୍ୟରଞ୍ଜନ ସେନାପତି,ବସନ୍ତ କୁମାର ସେନାପତି ଓ ଚୌଧୁରୀ ଓଝା ପ୍ରଭୃତିଙ୍କ ସହିତ ମୁଁ ଅନେକ ପଞ୍ଚାୟତକୁ ଯାଇଛି , ବିବିଧ ଲୋକ ଚରିତ୍ରର ଅନୁଧ୍ୟାନ କରିଛି, ଉପୁଜିଥିବା ଗୋଳମାଳର ସମାଧାନ କରିବା ସହିତ ନିଜର ଅଭିଜ୍ଞତା ଭଣ୍ଡାରର ବୃଦ୍ଧି କରିଛି। ଉଭୟ ପକ୍ଷଙ୍କର ବିଶ୍ୱାସର ପାତ୍ର ହୋଇ ପାରିଥିବାରୁ ନିଜକୁ ଭାଗ୍ୟବାନ ମନେ କରିଛି।

ସମୟ ଆଗେଇ ଚାଲିଛି ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ମୁଁ ଭଲ ମଣିଷଟିଏ ହେବି

## ଶ୍ରୀବତ୍ସ ନାୟକ

ଯଦି ଆପଣ ଓଡ଼ିଆ ହୋଇଥିବେ ତେବେ ଏହି କାଳଜୟୀ ଉକ୍ତିଟି 'ପାଠ ପଢିବି,ବଡ଼ ମଣିଷ ହେବି । 'କାଳିଆ ଘୋଡ଼ାରେ ଚଢ଼ିବି, ମଧୁ ବାବୁ ସାଙ୍ଗେ ଲଢିବି' ନିଶ୍ଚିତ ପିଲାବେଳେ ପଢିଥିବେ । ଅତୀତର ଏହି ଉକ୍ତିଠାରୁ ଅଧୁନା ଆମେ ବେଶ୍ ଦୂରକୁ ଚାଲିଆସିଛୁ । ସମାଜରେ ଏବେ ସଂଖ୍ୟାଧିକ ପାଠୁଆ । ଯାହା ମୁଣ୍ଡରେ ହାତ ଥୋଇଲେ ସମସ୍ତେ ଜଣେଜଣେ ସ୍ନାତକଧାରୀ । ଦୁଇ ଦୁଇଟା ମାଷ୍ଟର ଡିଗ୍ରୀ ସାଙ୍ଗକୁ ପି.ଚ.ଡି,ଏମ୍.ଫିଲ୍ ଓ ଡି.ଲି.ଟି ଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ । ଆମେ ଖାଲି ପାଠ ପଢି ବଡ଼ ମଣିଷ ହୋଇଛୁ ତାହା ନୁହେଁ ବରଂ ଆମେ ଏତେ ବଡ ହୋଇ ଯାଇଛୁ ଯେ ଆମକୁ କିଏ ଚାହିଁଲେ ବି ଧରି ପାରିବେ ନାହିଁ । କାହାରି ହାତ ଆମ ମସ୍ତକ ଉପରକୁ ପାଇବ ନାହିଁ । ଆମର ନଭଶ୍ଚୁମ୍ବୀ ମସ୍ତକ ନୁଆଇଁବା ଆଉ ସମ୍ଭବପର ନୁହେଁ । ଏତଦବ୍ୟତୀତ ଯେଉଁ କେତେଜଣ ବ୍ୟକ୍ତି ପାଠ ପଢ଼ି ମଧ୍ୟ ଦୁର୍ଭାଗ୍ୟବଶତଃ ଟିକିଏ ତଳେ ଅଛନ୍ତି ସେମାନେ ବି କୌଣସି ଗୁଣରେ କମ୍ ନାହାନ୍ତି ମ ! କଳେ ବଳେ କୌଶଳେ ନତୁବା ଟେବୁଲ୍ ତଳେ ନ୍ୟାୟରେ ଅହରହ ସେମାନଙ୍କର ପ୍ରୟାସ ଜାରି ରହିଛି ଉପରକୁ ଉଠିବା ପାଇଁ । ଖୁବ୍ ଶୀଘ୍ର ସେମାନେ ମଧ୍ୟ ବଡ଼ ମଣିଷ ଗ୍ରୁପରେ ସାମିଲ ହୋଇଯିବେ । ସେଦିନର ମଧୁ ବାରିଷ୍ଟର ସିନା କାଳିଆ ଘୋଡାରେ ଚଢ଼ିଥିଲେ (କଳାବସ୍ତ୍ର ପରିଧାନ କରି ଓଡ଼ିଶାବାସୀଙ୍କର ନ୍ୟାୟ ପାଇଁ ବ୍ରିଟିଶ ମାନଙ୍କ ସହ ଲଢ଼େଇ କରିଥିଲେ)କିନ୍ତୁ ଆଜିର ପାଠ ପଢୁଆ ପିଲାମାନେ ବିଦେଶୀ କମ୍ପାନୀର ଦାମିକା ଗାଡ଼ି ଚଢ଼ିଲେଣି,ରକେଟ ମାଧ୍ୟମରେ ମହାକାଶକୁ ଯାତ୍ରା କଲେଣି । କେବଳ ସେତିକି ନୁହେଁ ଆଧୁନିକତାର ଦ୍ୱାହି ଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ପାଥେୟ କରି ବିଶ୍ୱର ବୃହତ୍ତମ ଶକ୍ତିଶାଳୀ ରାଷ୍ଟ୍ର ସହ ଲଢେଇ କଲେଣି । ଏ ସବୁ ହାସଲ କରି ଆମେ ବଡ଼ ମଣିଷ ହୋଇଛୁ ସତ କିନ୍ତୁ ଆମେ ଭଲ ମଣିଷ କି ନୁହେଁ ଚିନ୍ତାକରିବାର ସମୟ ଆସିଛି ।

ମୋର ଶିକ୍ଷାଦାନ ବୃତ୍ତିରେ ଅଧ୍ୟାପକ ଭାବେ ଯୋଗଦାନ କରିବା ଦିନଠାରୁ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଛାତ୍ରଛାତ୍ରୀମାନଙ୍କର ଆଡ଼ମିଶନର ଅତିରିକ୍ତ ଦାୟିତ୍ୱ ଭାର ଗ୍ରହଣ କରିବାଦ୍ୱାରା ଅନେକ ମେଧାବୀ ଓ ସେମାନଙ୍କର ଅଭିଭାବକମାନଙ୍କ ସହ କିଛି ସମୟ ବିତେଇବାର ସୁଯୋଗ ମିଳିଛି। ଛାତ୍ରଛାତ୍ରୀମାନଙ୍କର ଆଡ଼ମିଶନ ସମୟରେ ସେମାନଙ୍କର ପରିଚୟ ଓ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ୍ ସମୟରେ କଥା ଛଳରେ ସେମାନଙ୍କୁ ଓ ସେମାନଙ୍କର ଅଭିଭାବକ ମାନଙ୍କୁ ନିଜର ସନ୍ତାନ ସନ୍ତତିଙ୍କର ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ପଚାରିଲେ କିଏ କୁହେ ଡାକ୍ତର ହୋଇ ରୋଗୀ ସେବା କରିବି,କିଏ କୁହେ ରାଜନୀତିରେ ମାତିବି,କିଏ କୁହେ ମୁଁ ଇଞ୍ଜିନିୟର ହେବି ତ କିଏ କୁହେ ମୁଁ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବି,କିଏ କୁହେ ମୁଁ ସୈନିକ ହୋଇ ଦେଶର ସୁରକ୍ଷା କରିବି ତ କିଏ ପୁଣି କୁହେ ମୁଁ ଆରକ୍ଷୀ ବିଭାଗରେ ରହିବି, କିଏ କୁହେ ମୁଁ ନେତା ହୋଇ ରାଜ୍ୟ ଶାସନ କରିବି, କିଏ କୁହେ ମୁଁ ବ୍ୟାଙ୍କିଙ୍ଗ ସଂସ୍ଥାରେ କାର୍ଯ୍ୟ କରିବି ତ କିଏ ପୁଣି କୁହେ ମୁଁ ଓକିଲ ହୋଇ ଦେଶରେ ଆଇନର ରକ୍ଷକ ହେବି ଇତ୍ୟାଦି । ବିଦ୍ୟାଳୟ ଶିକ୍ଷା ସମାପ୍ତ କରି,ମନରେ ଏହିଭଳି ଅନେକ ସ୍ୱପ୍ନ ଓ ସମ୍ଭାବନାକୁ ନେଇ ଛାତ୍ରଛାତ୍ରୀମାନେ ନୂଆକରି ମହାବିଦ୍ୟାଳୟରେ ପାଦ ଥାପିଥାନ୍ତି । ଅଳ୍ପ ବୟସରେ ସେମାନଙ୍କର ଉଚ୍ଚ ଚିନ୍ତାଧାରା ନିଶ୍ଚିତ ଭାବେ ମୋ ପକ୍ଷେ ସ୍ୱାଗତଯୋଗ୍ୟ । ଭଗବାନ କରନ୍ତୁ ସମସ୍ତେ ନିଜ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଆନ୍ତୁ ।

ଏହି ସମୟ ମଧ୍ୟରେ ମୋର ଚାହୁଁଚାହୁଁ ଅଧ୍ୟାପନା ଜୀବନର ଏକ ଦଶନ୍ଧି ବିତିଗଲାଣି । ଜୀବନରେ କେତେ ସଫଳ ହୋଇଛି କେତେ ବିଫଳ ହୋଇଛି,କେତେ ପ୍ରଶଂସା ସାଉଁଟିଛି, କେତେ ନିନ୍ଦା ଶୁଣିଛି ତାହା ତ ଅଲଗା କଥା କିନ୍ତୁ ନିଶ୍ଚିତ ଭାବେ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକମାନଙ୍କର ମତ ମୋତେ ବାସ୍ତବିକ୍ ଆଶ୍ଚର୍ଯ୍ୟ କରିଛି । ଏହିଭଳି ମତକୁ ନେଇ ମୋ ମନରେ ଏକ ପ୍ରଶ୍ନ ଉଙ୍କି ମାରିଛି । ଏହାକୁ ନେଇ ଅନେକ ଥର ଚିନ୍ତା କରିଛି,ସମୀକ୍ଷା ମଧ୍ୟ କରିଛି। ପ୍ରଶ୍ନଟିର ଉତ୍ତର ପାଇବା ପାଇଁ ଅନେକ ବିଜ୍ଞ ବ୍ୟକ୍ତି ତଥା ଶିକ୍ଷାବିତ୍ ମାନଙ୍କ ସହ ମଧ୍ୟ ମୋର ବ୍ୟକ୍ତିଗତ ପ୍ରଶ୍ନଟିକୁ ରଖିଛି,ତଥାପି ସନ୍ତୋଷ ଜନକ ଉତ୍ତର ପାଇନାହିଁ । କେବଳ ସେତିକି ନୁହେଁ ବିଭିନ୍ନ ସେମିନାର,କନଫରେନ୍ସ ଇତ୍ୟାଦିରେ ଯଦି କେବେ ବି କହିବାର ସୁଯୋଗ ମିଳିଛି ସେଠି ମଧ୍ୟ ସେହି ସମାନ ପ୍ରଶ୍ନ ଉତ୍ଥାପନ କରିଛି । କାହିଁକି କେଜାଣି ସେହି ଅସମାହିତ ପ୍ରଶ୍ନ: 'କାହିଁକି କେହି ଜଣେ ହେଲେ ପିଲା ବି କହୁ ନାହାନ୍ତି ଯେ ମୁଁ ପାଠ ପଢି ଜଣେ ଭଲ ମଣିଷ ହେବି କିମ୍ବା କେହି ଜଣେ ହେଲେ ଅଭିଭାବକ କହୁନାହାନ୍ତି ଯେ ସେ ଯାହା ବି ହେଉ ମୋ ସନ୍ତାନ କିମ୍ବା ସନ୍ତତି ଏ ସମାଜରେ ଜଣେ ମଣିଷ ପରି ମଣିଷ ହେଉ' ମୋର ମନକୁ ବିଚଳିତ କରି ଚାଲିଛି । ମୁଁ ଏବେ ମଧ୍ୟ ଏହି ପ୍ରଶ୍ନର ଉତ୍ତର ସନ୍ଧାନରେ ଅନୁସନ୍ଧିତ୍ସୁ ।

କାହିଁକି ବା କିଏ ଚାହିଁବ ଭଲ ମଣିଷ ହେବା ପାଇଁ ? ବହୁତ୍ ଅନୁଧ୍ୟାନ କଲାପରେ ଅନୁଭବ କଲି,ଏହାର ଉତ୍ତର ବୋଧ୍ ହୁଏ ଏଇଆ ହେଇପାରେ ଯେ,ସମାଜରେ ଭଲ ମଣିଷ କଣ ଗୋଟେ ପରିଚୟ ! ନା.. ନା...ଆଧୁନିକ ସମାଜର ମଣିଷ ପାଇଁ ଭଲ ମଣିଷ କେବେ ଜମା ଏକ ପରିଚୟ ନୁହେଁ ! ଅଭିଭାବକମାନେ ନିଜର ସନ୍ତାନ ସନ୍ତତିକୁ ସହରର ଚାକଚକ୍ୟ ଘରୋଇ ଶିକ୍ଷାନୁଷ୍ଠାନ ତଥା ଆଧୁନିକତାର ବର୍ଣ୍ଣାଢ଼୍ୟ ପରିବେଶରେ ପାଠ ପଢାଇ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି କଣ ଭଲ ମଣିଷ ହେବା ପାଇଁ ! କଣ ମିଳିବ ସେ ଭଲ ମଣିଷ ହେବାରୁ ? ନା ଅଛି ଉଚ୍ଚ ବେତନ ନା ଅଛି ସମ୍ମାନ । ପଦ ଓ ପଦୋନ୍ନତି ସାତ ସପନ । ନା ଅଛି କ୍ଷମତା ନା ଅଛି ସମ୍ମାନ । ବରଂ କ୍ଷମତାରେ ରହିଲେ ବା ଛୋଟ ହେଉ ପଛେ ସରକାରୀ ଚାକିରୀଟିଏ କଲେ ଆଜିକାଲିର ଡ଼ାଡି ମମିମାନେ ସମାଜରେ ମୁଣ୍ଡ ଟେକି କହିବେ ଯେ ମୁଁ ପୁଅ କି ଝିଅ ସଫଳତାର ଶୀର୍ଷରେ ପହଞ୍ଚିଯାଇଛି । ଏଠି ସରକାରୀ ଚାକିରୀ ପାଇଁ ପ୍ରତିଯୋଗିତା ଚାଲିଛି। ପ୍ରତିଯୋଗିତାରେ ଘୋଡ଼ା ଦୌଡ଼ ଭଳି ଦୌଡ଼ରେ ଯଦି କିଏ ଜଣେ ଚାକିରୀ ପାଇଲା ତେବେ ତାକୁ ଆଜିର ସମାଜରେ ଜଣେ ସଫଳତମ ବ୍ୟକ୍ତି ଭାବେ ବିବେଚନା କରାଯାଏ। ଏହା ଶୁଣି ଚାକିରୀ ପାଇଥିବା ପିଲାର ଡ଼ାଡି ମମିଙ୍କର ପୈତୃକ ଆତ୍ମସମ୍ମାନ କାହିଁରେ କେତେ ବଢିଯାଏ । ତାଙ୍କୁ ସ୍ୱର୍ଗ ଦୁଇ ଅଙ୍ଗୁଳ ଭଳି ମନେ ହୁଏ । କାହିଁକି ବା ନହେବ ଯେ,ଚାକିରୀ କଲେ ସୁନିଶ୍ଚିତ ରୋଜଗାର, ପଦବୀ ସୁରକ୍ଷିତ, ନିୟମିତ ପଦୋନ୍ନତି, ଭବିଷ୍ୟତରେ ପେନସନ୍, ଭବିଷ୍ୟନିଧିର ଆର୍ଥିକ ଲାଭ, ସାମାଜିକ ପ୍ରଶଂସା, କର୍ମସ୍ୱାସ୍ଥ୍ୟ ବୀମା, ଛୁଟି, ପରିବହନ ସୁବିଧା, ଚପରାସୀ ଓ ମେହେନ୍ତର ସୁବିଧା,ମାଗଣା ଘର, ମାଗଣା ବିଦ୍ୟୁତ୍ ଭଳି ଆକର୍ଷଣୀୟ ସୁବିଧା କଣ କେଉଁ ଭଲ ମଣିଷ ହେଲେ ମିଳିବ କି ?

ପଶୁର ବିବର୍ତ୍ତିତ ରୂପ ହେଉଛି ମଣିଷ । ଏହି ବିବର୍ତ୍ତନ ଘଟି ମଣିଷ ଆଧୁନିକତାର ଚରମ ସୀମାରେ ପହଞ୍ଚିଗଲାଣି । ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇ ଦିନକୁ ଦିନ ନିଜର ବିଦ୍ୟା ବୁଦ୍ଧି ବଳରେ ଅସାଧ କାର୍ଯ୍ୟକୁ ନିୟନ୍ତ୍ରଣ କରି ସମାଜରେ ସଭ୍ୟ ଶିକ୍ଷିତ ବୋଲାଉଥିବା ମଣିଷମାନଙ୍କ ମଧ୍ୟରେ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ। ଖାଲି ଉଚ୍ଚ ଶିକ୍ଷିତ ହେଲେ ହେବ ନାହିଁ ବରଂ ସମାଜରେ ମଣିଷ ଭଳି ମଣିଷଟିଏ ହେବା ପାଇଁ ଚେଷ୍ଟା କରିବା ଦରକାର ଆମେ । ଅତୀତରେ ଉତ୍କଳମଣି ଗୋପବନ୍ଧୁଙ୍କ ଆହ୍ୱାନରେ ପଣ୍ଡିତ ଗୋଦାବରୀଶ ମିଶ୍ର ବିଦେଶରେ ଉଚ୍ଚ ଚାକିରୀର ପ୍ରତିଶ୍ରୁତିକୁ ଏଡାଇ ଦେଇ ଓଡ଼ିଶାରେ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଶା ଶିକ୍ଷାର ଏନ୍ତୁଡ଼ିଶାଳ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗ ଦେଇଥିଲେ । ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ ଉଜ୍ଜ୍ୱଳ ତାରକା ଜାତୀୟ କବି ବୀରକିଶୋର ଦାସ ମଧ୍ୟ ଚାକିରୀର ମୋହରୁ ମୁକୁଳି ଦେଶର ସ୍ୱାଧୀନତା ସଂଗ୍ରାମ, ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ସମୟରେ ଅଗ୍ନିବର୍ଷୀ କବିତାର ଝଙ୍କାର ସୃଷ୍ଟି କରି ଇଂରେଜ ସରକାରଙ୍କ ବିରୋଧରେ ବିପ୍ଳବ, ଜାତୀୟତାବୋଧର ସ୍ପନ୍ଦନ ସୃଷ୍ଟି କରିଥିଲେ । ସେମାନଙ୍କର ଭଲ ମଣିଷ ପଣିଆ ଆମମାନଙ୍କ ମନରେ ଜାଗ୍ରତ ହେବା ଦରକାର । ମରିଯାଇନି ମାନବିକତା । ଆଜି ବି ଭଲ ମଣିଷ ସମାଜରେ ଅଛନ୍ତି । କିଛି ଲୋକ ପର ଆପଣା ଭେଦଭାବରୁ ରହିଛନ୍ତି ବହୁ ଉର୍ଦ୍ଧ୍ୱରେ । ଯିଏକି ବିଦେଶୀ କମ୍ପାନୀ ଚାକିରୀର ମୋଟା ଅଙ୍କର ଦରମାକୁ ଛାଡି ନିଜ ଜୀବନକୁ ଅସହାୟ ଲୋକଙ୍କ ସେବାରେ ଉତ୍ସର୍ଗୀକୃତ କରିଛନ୍ତି । ଆଉ ଯୋଗାଇ ଚାଲିଛନ୍ତି ନିଃସ୍ୱାର୍ଥପର ସେବା । ଯେତେବେଳେ ସାହାଯ୍ୟ ସହଯୋଗ ପାଇଁ ନିଜ ଲୋକଙ୍କ ନିକଟରେ ସମୟ ରହୁନାହିଁ ସେହି ସମୟରେ ବିନା ମୂଲ୍ୟରେ ସହଯୋଗ କରିବା ପାଇଁ ଅନେକ ଲୋକ ଆଗେଇ ଆସିଛନ୍ତି ।



ଭାରତ ବିଶ୍ୱରେ ଏକ ମାତ୍ର ଦେଶ ଯେଉଁଠି ନାରା ଦିଆଯାଏ 'ସର୍ବେ ଭବନ୍ତୁ ଶୁଖିନଃ'ଅର୍ଥାତ୍ ସମସ୍ତେ ସୁଖରେ ରୁହନ୍ତୁ । ଆମେ ହେଉଛୁ ସେହି ମାଟିର ସନ୍ତାନ ଯେଉଁଠି ନିଜ ସହ ଅନ୍ୟମାନଙ୍କର ଆମେ ମଙ୍ଗଳ ମନାସିଥାଉ । ତେଣୁ ଆମେ ପାଠ ପଢ଼ି ଚାକିରୀ ପଛରେ ଗୋଡାଇଲେ ଦେଶରେ ଖାଲି ଚାକର ସୃଷ୍ଟି ହେଉଥିବେ କିନ୍ତୁ ଭଲ ମଣିଷ ନୁହେଁ । ଆମକୁ ଅନୁଭବ କରିବାକୁ ପଡ଼ିବ ଏହାର ଗୁରୁତ୍ୱକୁ। ସମସ୍ତେ ଚାହିଁବା ଦରକାର ଯେ ମୁଁ ମଣିଷ ପରି ମଣିଷ ଟିଏ ହେବି । ଭଲ ମନରେ ମୁଁ ସମସ୍ତଙ୍କର ମଙ୍ଗଳ ଚାହୁଁଥିବି,ସମସ୍ତଙ୍କୁ ସ୍ନେହ,ଶ୍ରଦ୍ଧା ବାଣ୍ଟୁଥିବି,ଗୁରୁଜନଙ୍କ ସେବା କରୁଥିବି,କାହା ଅପକାର ନଚାହିଁବି,ଅନ୍ୟ ସୁଖ ଦେଖି ଖୁସି ହେବି,ପର ଦୁଃଖେ ଦୁଃଖି ହେଉଥିବି,ସୁନ୍ଦର ଶରୀରେ ମନ ମୁଁ ନଦେଇ ସଦା ଗୁଣବାନ ହେଉଥିବି,ସତ୍ୟ ଧର୍ମ ନ୍ୟାୟ ପାଳନକରି ନୀତି ସତ୍ କର୍ମ କରୁଥିବି । ଚିନ୍ତା ଚେତନାକୁ ସ୍ଥିର କରି ମନ ନିର୍ମଳ ରଖିବି,ମଧୁ ଭାଷା ମୁଖେ ଭରି ସଭିଙ୍କୁ ଆଦର କରୁଥିବି,ସତ କଥାରେ ମୁଁ ମନ ମୋହି ସଭିଙ୍କର ପ୍ରିୟପାତ୍ର ହେବାକୁ ଚେଷ୍ଟା କରିବି । କନିଷ୍ଠଙ୍କ ଠାରେ ସ୍ନେହ ରଖୁଥିବି। ସାରା ବିଶ୍ୱକୁ କୁଟୁମ୍ବ ଭାବି ନିରନ୍ତର ଭାବେ ସେବା କରୁଥିବି । କାହାର ଅପକାର କଥା ମନେ ଭାବିବନି । ସୁସ୍ଥ ଶରୀରରେ ଅନ୍ୟମାନଙ୍କର ସେବା କରିବି। ସୁନ୍ଦର ଦୁନିଆ ଗଢ଼ିବାକୁ ହେଲେ ମତେ ନିଜକୁ ପରିବର୍ତ୍ତନ ହେବାକୁ ପଡିବ ତେଣୁ ନିଜେ ଭଲ ହେଲେ ଏ ସାରା ସଂସାର ମତେ ଭଲ ଦିଶିବ । ତେଣୁ ଜଗତଜନର ହିତସାଧନା କରିବା ଉଦ୍ଦେଶ୍ୟରେ ମୁଁ ନିଜେ ପ୍ରଥମେ ଭଲ ମଣିଷଟି ହେବାକୁ ପ୍ରୟାସ କରିବି ।

♥ ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟ,
କଟକ,
ମୋ: ୯୪୩୮୦୭୦୮୪୯

# ମୟୂରଭଞ୍ଜ ସାହିତ୍ୟ ପରିଷଦର ତୃତୀୟ ସୋପାନ ଅଙ୍କୁରୋଦ୍ଗମ କାର୍ଯ୍ୟକ୍ରମ

ମୟୂରଭଞ୍ଜ, ୨୧/୯ (ନି.ପ୍ର): ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କୁ ନେଇ ହାଇସ୍କୁଲ ସ୍ତରୀୟ ଅଙ୍କୁରୋଦ୍ଗମ କାର୍ଯ୍ୟକ୍ରମର ତୃତୀୟ ସୋପାନ 'ଆମ ମୟୂରଭଞ୍ଜର ଗୌରବମୟ ଇତିହାସ, ସଂସ୍କୃତି ଓ ପରମ୍ପରା' ଆଧାରିତ ଆଲୋଚନା ଏବଂ କୁଇଜ୍ ବାରିପଦା ସହରର ଚାରିଟି ଶିକ୍ଷାନୁଷ୍ଠାନ ଯଥା- ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ଆଦର୍ଶ ବିଦ୍ୟାମନ୍ଦିର ରଘୁନାଥପୁର, ହରିବଳଦେବ ଜୀଉ ଶିଶୁ ବିଦ୍ୟାମନ୍ଦିର ମଧୁବନ ଓ ଶରତ ଚନ୍ଦ୍ର ବିଦ୍ୟାପୀଠ ଶରତଚନ୍ଦ୍ର ଗୋଲେଇ ଆଦିରେ ତା.୨୧.୯.୨୦୨୪ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ପରିଚାଳନା କର୍ତ୍ତୃପକ୍ଷଙ୍କ ଆନ୍ତରିକ ସହଯୋଗରେ ପରିଷଦର ସଦସ୍ୟ/ସଦସ୍ୟା ସ୍କୁଲଗୁଡ଼ିକୁ ଯାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ, ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଆଲୋଚନା ଓ ମୌଖିକ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୁଇଜରେ ସଠିକ ଉତ୍ତର ଦେଇଥିବା ପିଲାମାନଙ୍କୁ ପରିଷଦ ତରଫରୁ କଲମ ଓ ପଢା ସାମଗ୍ରୀମାନ ଉପହାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତଥିବା ସମସ୍ତ ଶିକ୍ଷାର୍ଥୀଙ୍କ ମଧ୍ୟରେ ଚକୋଲେଟ ବିତରଣ ପୂର୍ବକ ପଠନମନସ୍କ ହେବାଲାଗି ଉତ୍ସାହିତ କରାହୋଇଥିଲା। ସାହିତ୍ୟ ପରିଷଦର ଗତ ୧୪ ସେପ୍ଟେମ୍ବରର ନିର୍ଦ୍ଧାରିତ ଏହି ତୃତୀୟ ସୋପାନ ଅଙ୍କୁରୋଦ୍ଗମ କାର୍ଯ୍ୟକ୍ରମ ଲଗାଣ ବର୍ଷାପାଇଁ ବାତିଲଯୋଗୁଁ ଚଳିତ ୨୧ ତାରିଖରୁ ପୁନଃ ଆରମ୍ଭ କରାଯାଇଛି। ଶିକ୍ଷଣୀୟ କାର୍ଯ୍ୟକ୍ରମଟିର ଅନ୍ତିମ ଏବଂ ଚତୁର୍ଥ ସୋପାନ 'ଆମ ଭାଷାର ପ୍ରସିଦ୍ଧ ପୁସ୍ତକ ଏବଂ ତା'ର ଲେଖକ' ସମ୍ବନ୍ଧୀୟ ଛାତ୍ରଛାତ୍ରୀଙ୍କ ସଙ୍ଗେ ଆଲୋଚନା ଓ ପ୍ରଶ୍ନୋତ୍ତର, ଆଗାମୀ ସେପ୍ଟେମ୍ବର ୨୮ ତାରିଖରେ ବାରିପଦା ସହର ଓ ନିକଟବର୍ତ୍ତୀ ବିଦ୍ୟାଳୟଗୁଡିକରେ ହେବାର ସ୍ଥିରୀକୃତ ହୋଇଛି। କାର୍ଯ୍ୟକ୍ରମର ସଫଳତାରେ ଜିଲ୍ଲା ଶିକ୍ଷାଧିକାରୀ , ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ଅକୁଣ୍ଠ ସହଯୋଗକୁ ମୟୂରଭଞ୍ଜ ସାହିତ୍ୟ ପରିଷଦ ଭୂୟସୀ ପ୍ରଶଂସା କରିବା ସହିତ ସଭିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ପାରାଦ୍ୱୀପଠାରେ ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ-୨୦୨୪ର ଆୟୋଜନ



ପାରାଦ୍ୱୀପ , ୨୧/୯ (ନି.ପ୍ର): ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଓ ସଚେତନତା ଦିବସ ପ୍ରତେକ ବର୍ଷ ସେପ୍ଟେମ୍ବର୍ ତୃତୀୟ ଶନିବାରରେ ସମଗ୍ର ବିଶ୍ୱରେ ଆୟୋଜିତ ହୋଇଥାଏ।ଏହା ହେଉଛି ଏକ ବିଶ୍ୱ ଅଭିଯାନ, ଯେଉଁଥିରେ ପୃଥିବୀର ୧୨ ମିଲିୟନ୍ ରୁ ଅଧିକ ଲୋକ ଏକତ୍ରିତ ହୋଇ ସମୁଦ୍ର ଓ ବେଳାଭୂମିକୁ ସ୍ୱଚ୍ଛ ରଖିବା ପାଇଁ ଯୋଗଦାନ କରନ୍ତି, ଯାହା ଏକ ସ୍ୱାସ୍ଥ୍ୟକର ପରିବେଶ ପାଇଁ ଅତ୍ୟନ୍ତ ଆବଶ୍ୟକ ହୋଇଥାଏ। ଭାରତୀୟ ତଟରକ୍ଷକ ପ୍ରତିବର୍ଷ ବିଭିନ୍ନ କେନ୍ଦ୍ର ଏବଂ ରାଜ୍ୟ ସଂସ୍ଥାନ, କର୍ପୋରେଟ୍ ସେକ୍ଟର ଏବଂ ବେସରକାରୀ ସଂଗଠନଙ୍କ ସହଯୋଗରେ ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସର ଆୟୋଜନ କରିଥାଏ। ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ୨୦୨୪ ଅବସରରେ, ତଟରକ୍ଷକ ଜିଲ୍ଲା ମୁଖ୍ୟାଳୟ ୭ ତରଫରୁ ପାରାଦୀପ ସମୁଦ୍ର ବେଳାଭୂମିରେ ୨୧ ସେପ୍ଟେମ୍ବରରେ ବେଳାଭୂମି/ ଉପକୂଳ ସ୍ୱଚ୍ଛତା ଅଭିଯାନ ଆୟଜନ କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ତଟରକ୍ଷକ କର୍ମଚାରୀ ଓ ତାଙ୍କ ପରିବାର, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଘଝଝ, ଘଉଉ କ୍ୟାଡେଟ୍ ସହିତ ମୋଟ ୪୫୦ ସହଭାଗୀ ଉତ୍ସାହ ର ସହିତ ଯୋଗଦେଇଥିଲେ। ପ୍ଲାଷ୍ଟିକ୍ ବର୍ଜ୍ୟ ସହିତ ମୋଟ ୯୦୦ କିଲୋଗ୍ରାମ୍ ଆବର୍ଜନା ସଂଗ୍ରହ ହୋଇଥିଲା ଏବଂ ଏକ ସ୍ୱାସ୍ଥ୍ୟକର ପରିବେଶ ପାଇଁ 'ସ୍ୱଚ୍ଛ ଉପକୂଳ, ସୁରକ୍ଷିତ ସମୁଦ୍ର' ଏବଂ ପ୍ଲାଷ୍ଟିକ ବର୍ଜ୍ୟ ମୁକ୍ତ ପରିବେଶର ଆବଶ୍ୟକତା ବିଷୟରେ ସାଧାରଣରେ ବାର୍ତ୍ତା ଯାଇଥିଲା ।

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ଦାବିକଲେ ବିଜେଡି ପ୍ରତିନିଧି ମଣ୍ଡଳୀ

ଲଙ୍ଗଳେଶ୍ୱର, ୨୧/୯ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ବନ୍ୟା ଛାଡିବା ପରେ ଲୋକଙ୍କ ଦୁର୍ଦ୍ଦଶା ବଢି ବଢିଭୂ ଚାଲିଛି । ବାଲିଆପାଳ ବ୍ଲକର ବହୁ ତଳିଆ ଅଂଚଳ ଏବେବି ଜଳମଗ୍ନ ଥିବାବେଳେ ଆଜି ପୁଣି ବସ୍ତା ଦୁର୍ଦ୍ଦଶା ବିଷୟରେ ଅବଗତ ହୋଇ ବନ୍ୟା ବିପନ୍ନଙ୍କୁ ସରକାର ଶୀଘ୍ର ରିଲିଫ୍ ବ୍ୟବସ୍ଥା କରିବାକୁ ବିଜେଡିର ପ୍ରତିନିଧି ମଣ୍ଡଳୀ ଦାବୀ କରିଛନ୍ତି । ବିଜେଡିର ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ନେତା



ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳ ତରଫରୁ ପ୍ରତିନିଧି ମଣ୍ଡଳୀ ବାଲିଆପାଳ ବ୍ଲକର ବିଷ୍ଣୁପୁର ପଞ୍ଚାୟତର ରସଲପୁର ଏବଂ ଜାମକୁଣ୍ଡା ପଞ୍ଚାୟତର ବିଭିନ୍ନ ଜାଗା ବୁଲି ବନ୍ୟା ବିପନ୍ନଙ୍କୁ ଭେଟି ଅବସ୍ଥା ପଚାରି ବୁଝିଥିଲେ । ବନ୍ୟାକ୍ଳିଷ୍ଟ ଲୋକଙ୍କଠାରୁ ସେମାନଙ୍କ ଅଜୟ ସାମଲ,ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର,ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ବେଣୁଧର ଜେନା ପ୍ରମୁଖଙ୍କ ସମେତ ବହୁ ନେତୃବୃନ୍ଦ ବନ୍ୟାଞ୍ଚଳ ପରିଦର୍ଶନ କରି ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ଦେବାକୁ ଦାବୀ କରିଛନ୍ତି ।

# ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ପାଇଁ ମାତାପିତାଙ୍କୁ ରାଜ୍ୟପାଳଙ୍କ ସମ୍ବର୍ଦ୍ଧନା



ବେତନଟୀ, ୨୧/୯ (ନି.ପ୍ର): ମସିହାରେ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୯ ଜଣ କୃତି ଆଇଏଏସଙ୍କ ପିତାମାତାଙ୍କୁ ଭୁବନେଶ୍ୱର ଠାରେ ଗୁରୁବାର ରାଜଭବନ ସଭାଗୃହରେ ମହାମହିମ ରାଜ୍ୟପାଳ ରଘୁବର ଦାସ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ସମସ୍ତ ପିତାମାତାଙ୍କୁ ମହାମହିମ ନିଜ ହାତରେ ଉତ୍ତରୀୟ ପିନ୍ଧାଇ ସମାଜର ସାଧାରଣ ବର୍ଗଙ୍କ ପାଇଁ ନିସ୍ୱାର୍ଥପର ଭାବେ କାମ କରିବାକୁ ସେମାନଙ୍କ ସନ୍ତାନ ମାନଙ୍କୁ ପ୍ରବାର୍ତ୍ତାଇବାକୁ ଆହ୍ୱାନ ଦେଇ ଥିଲେ । ଏହି କ୍ରମରେ ସିଭିଲ ସର୍ଭିସରେ କୃତକାର୍ଯ୍ୟ ହୋଇଥିବା ମୟୁରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ନଡ଼ପୁର ଗ୍ରାମର ସୌରଭ ଦାସଙ୍କ ପିତା ଶିକ୍ଷାବିତ ମୀନକେତନ ଦାସ ଓ ମାତା ବେତନଟୀ କଲେଜର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜୀଙ୍କୁ ରାଜ୍ୟପାଳ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ଥିଲେ । ଆଇଏଏସ ସୌରଭ ଦାସ ବେତନଟୀ ଅଞ୍ଚଳର ଗର୍ବ ଓ ଗୌରବ ହୋଇଥିବାବେଳେ ସମ୍ବର୍ଦ୍ଧନା ଉତ୍ସବରେ ବଡବାପା ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ଦାସ ଓ ଭାଇ ରଞ୍ଜନ ଦାସ ମଧ୍ୟ ଉପସ୍ଥିତ ଥିଲେ । ଏହି ସମ୍ବର୍ଦ୍ଧନା ମହାମହିମ ରାଜ୍ୟପାଳ ଦେବା ଫଳରେ ସମଗ୍ର ରାଜ୍ୟର ଯୁବ ସମାଜକୁ ପ୍ରେରଣା ଯୋଗାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# ବିସର୍ଜନକୁ ନେଇ ଗୋଷ୍ଠି ସଂଘର୍ଷ: ୫ ଆହତ

ଜୟପୁର, ୨୧/୯ (ନି.ପ୍ର): ଗଣେଷ ବିସର୍ଜନକୁ ନେଇ ଗୋଷ୍ଠି ସଂଘର୍ଷ ହୋଇଛି । ଜୟପୁର ସହର ହାଟପଦା ଓ ଡଙ୍ଗାଗୁଡା ମଧ ରେ ଗୋଷ୍ଠି ସଂଘର୍ଷ ଘଟିଛି । ଉଭୟ ସାହି ପକ୍ଷରୁ ଜୟପୁର ଟାଉନ ଥାନା ରେ ଆଜି ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ କୁ ଭିତ୍ତି କରି ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି । ପୋଲିସ ସୁଚନା ଅନୁଯାଇ ଜୟପୁର ସହର ହାଟପାଦରେ ଗଣେଷ ବିସର୍ଜନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବିସର୍ଜନ ସମୟରେ ଡଙ୍ଗାଗୁଡାର ଯୁବକ ମାନେ ସାମିଲ ହୋଇଥିଲେ ।

# ନୀଳଗିରି ଏନଏସି ଅଧ୍ୟକ୍ଷାଙ୍କ ବିରୋଦ୍ଧରେ ଆଗାମୀ ୨୭ରେ ପୁନର୍ବାର ଅନାସ୍ଥା

ନୀଳଗିରି , ୨୧/୯ (ନି.ପ୍ର): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସଙ୍କୁ ନିଜ ପଦବୀରୁ ହଟାଇବା ପାଇଁ ଗତ ଜୁଲାଇ ୩୦ ତାରିଖରେ ଏକ ପ୍ରସ୍ତାବ ଆଣି ଅଗଷ୍ଟ ୫ ତାରିଖରେ ବିଜେପି ଏବଂ ସମର୍ଥିତ ୧୧ ଜଣ କାଉନସିଲର ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ଆବେଦନ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେ ଏହାକୁ ଗୁରୁତ୍ତର ସହିତ ନେଇ ଅଗଷ୍ଟ ୧୪ ତାରିଖରେ ଏନଏସି ସଭା ଗୃହରେ ଏକ ବୈଠକର ଆହ୍ୱାନ କରିବା ସହିତ ଦରକାର ପଡିଲେ ମତଦାନ କରାଯିବାର




ନିର୍ଦ୍ଦେଶନାମା ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ, ଅଧକ୍ଷା, ଏବଂ ନୀଳଗିରି ଉପଜିଲ୍ଲାପାଳଙ୍କୁ ଅବଗତ କରାଯାଇ ଥିଲା। ମାତ୍ର ଅଗଷ୍ଟ ୧୨ ତାରିଖ ରେ ଅଧକ୍ଷା ଏହା ବିପକ୍ଷରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହେବା ପରେ ନ୍ୟାୟାଳୟ ଉକ୍ତ ମାମଲାର ରହିତାଦେଶ ଜାରି କରିଥିଲେ । ମାନ୍ୟବର ଉଚ୍ଚନ୍ୟାୟାଳୟ ସେପ୍ଟେମ୍ବର ୫ ତାରିଖରେ ଏହାର ଚୂଡାନ୍ତ ଶୁଣାଣି କରି ନୂତନ ଭାବେ ଅଗ୍ରଗତି କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନାସ୍ଥା ସଂକଳ୍ପ ଆଇନ ଅନୁଯାଇ ସ୍ୱାଧୀନତା ପ୍ରଦାନ କରାଯାଇଥିଲା । ଉକ୍ତ ଆଦେଶକୁ ପାଳନ କରି ଆସନ୍ତା ସେପ୍ଟେମ୍ବର ମାସ ୨୭ ତାରିଖ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ପୂର୍ବାହ୍ନ ୧୧ ଘଟିକା ଠାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ପ୍ରସ୍ତାବିତ ସଂକଳ୍ପ ଉପରେ ଆଲୋଚନା କରାଯିବା ସହିତ ୧୨. ୧୦ମିନିଟ ରେ ମତଦାନ ଏବଂ ୧୨. ୩୦ ମିନିଟରେ ଫଳାଫଳ ପ୍ରକାଶ କରିବାକୁ ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରି ନିର୍ଦ୍ଦେଶନାମା ଜାରି କରିବା ସହିତ ଏହାର ଏକକିତା ନକଲ ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ, ଅଧକ୍ଷା ଏବଂନୀଳଗିରି ଉପଜିଲ୍ଲାପାଳଙ୍କୁ ପ୍ରେରଣ କରିଥିବା ଜଣାପଡିଛି ।

# ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗି ମିଠା ଦୋକାନ ପୋଡିଗଲା

ଲଙ୍ଗଳେଶ୍ୱର , ୨୧/୯ (ନି.ପ୍ର): ଲଙ୍ଗଳେଶ୍ୱର ବଜାରରେ ଥିବା ସାହୁ ମିଠା ଦୋକାନ ରେ ସଟ୍ ସର୍କିଟ ଯୋଗୁଁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଘଟଣାରୁ ପ୍ରକାଶ ବଣିଆଡିହା ଗ୍ରାମର ରମେଶ ଚନ୍ଦ୍ର ସାହୁ ଦୀର୍ଘ ବର୍ଷ ଧରି ଲଙ୍ଗଳେଶ୍ୱର ବଜାରରେ ଏକ ମିଠା ଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଆଜି ଭୋର ୪ ସମୟରେ ଦୋକାନ ଘରୁ ଧୂଆଁ ବାହାରିବାରୁ ଲୋକମାନେ ଭୟଭୀତ ହୋଇ ଦୋକାନୀ ଶ୍ରୀ ସାହୁଙ୍କୁ ଖବର ଦେଇଥିଲେ । ଦୋକାନୀ ସଟର ଖୋଲିବା ପୂର୍ବରୁ ସବୁକିଛି ନିଆଁ ର ଆଁ ଭିତରେ ଭସ୍ମୀଭୂତ ହେବାରୁ ଚାରିଆଡେ ଧୂଆଁ ଓ ଦୁର୍ଗନ୍ଧ



ପରିବେଶ ସୃଷ୍ଟି ହୋଇଥିଲା ଗ୍ରାମର ଯୁବକ ମାନଙ୍କ ଦ୍ୱାରା ନିଆଁ କୁ ଆୟତ୍ତ କରିଥିଲେ। ଦମକଳ ବାହୀନି ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚି ବାରୁ ଲୋକ ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହି ଅଗ୍ନିକାଣ୍ଡରେ ଦୁଇଟି ଫ୍ରିଜି, ବଡ଼ ସୋକେସ,ବହୁତ ଗୁରୁତ୍ୱପୂର୍ଣ କାଗଜପତ୍ର,ନଗଦ ଟଙ୍ଗା ପୋଡ଼ି ପାଉଂଶ ହୋଇଯାଇଛି। ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବାକୁ ବଜାର ବାସୀ ଦାବି କରିଛନ୍ତି, ତହସିଲଦାର ଜନକ କୁମାର ନାୟକ ଙ୍କ ନିର୍ଦ୍ଦେଶରେ ବଳରାମପୁର ଆରାଇ ନଟବର ଦତ୍ତ ଘଟଣାର ତଦନ୍ତ କରିଛନ୍ତି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ଜାରି

ବାଲେଶ୍ୱର, ୨୧/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ବନ୍ୟାଜଳରେ ବିଶେଷ ଭାବେ ପ୍ରଭାବିତ ହୋଇଥିବା ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକ୍ ଅଞ୍ଚଳର ବନ୍ୟାର ପଞ୍ଚମ ଦିନରେ ବନ୍ୟାଜଳ କମିବା ଆରମ୍ଭ ହୋଇଥିବା ବେଳେ ରିଲିଫ୍ କାର୍ଯ୍ୟ ଅଭୂତପୂର୍ବ ସ୍ତରରେ ଜାରି ରହିଛି। ବନ୍ୟା ଆରମ୍ଭ ହେବା ପରଠାରୁ ପ୍ରତିଦିନ ହାରାହାରି ୨୦ ହଜାରରୁ ଅଧିକ ମାଗଣା ରୋଷେଇ (ଫ୍ରି କିଚେନ) ଦ୍ୱାରା ସ୍ଥାନାନ୍ତରିତ ଜନସାଧାରଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ଆଜି ସ୍ଥିତିରେ ସୁଧାର ଆସିବା ପରେ ୧୧ ହଜାର ମାଗଣା ରୋଷେଇ ଦ୍ୱାରା ଲୋକଙ୍କୁ ସେବା ଯୋଗାଇ ଦିଆଯାଉଛି । ଘରକୁ ଫେରିବା ଆରମ୍ଭ କରିଥିବା ବାସିନ୍ଦାଙ୍କୁ ଉଭୟ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ୟାକେଟ୍ ପର୍ଯ୍ୟାପ୍ତ ପରିମାଣରେ ପ୍ରଦାନ କରାଯାଉଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏସଆରସି, ଓଡ୍ରାଫ, ଅଗ୍ନିଶମ ସେବା ଏବଂ ଦେଶୀ ଡଙ୍ଗା ସମେତ ୨୫ରୁ



ଅଧିକ ଡଙ୍ଗା ନିୟୋଜିତ କରାଯାଇଛି। ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ସମୟରେ ଯେପରି କୌଣସି ଜୀବନ ହାନି ନହୁଏ ସେଥିପାଇଁ ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କରାଯାଇଛି। ରିଲିଫ କାର୍ଯ୍ୟରେ ସମ୍ପୃକ୍ତ ବ୍ଲକର ବିଡ଼ିଓ, ତହସିଲଦାର ଏବଂ ବରିଷ୍ଠ ଅଧିକାରୀଙ୍କ ସମେତ ପ୍ରମୁଖ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବିଶେଷ କରି ଆରଡବ୍ଲ୍ୟୁଏସଏସ, ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ଟିପିଏନଓଡିଏଲ, କୃଷି, ଉଦ୍ୟାନ କୃଷି ଏବଂ ମତ୍ସ୍ୟଚାଷ ଭଳି ବିଭିନ୍ନ ବିଭାଗରୁ ସ୍ୱତନ୍ତ୍ର ଟିମ୍ ପଠାଯାଇ କ୍ଷୟକ୍ଷତିର ଆକଳନ କରାଯାଉଛି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୋବାଇଲ ମେଡିକାଲ ୟୁନିଟ୍ ନିୟୋଜିତ କରାଯାଇ ଅନ-ସାଇଟ୍ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ଅତ୍ୟାବଶ୍ୟକ ଔଷଧ ବଣ୍ଟନ କରାଯାଉଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଅସ୍ଥାୟୀ ପରିମଳ ବ୍ୟବସ୍ଥା ପ୍ରତିଷ୍ଠା କରାଯାଉଛି। କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଫସଲ କ୍ଷୟକ୍ଷତି ଆକଳନ କରାଯିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଥଇଥାନ ଯୋଜନା ପ୍ରସ୍ତୁତ କରାଯାଉଛି। ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟଚାଷୀଙ୍କ ଜଳକୃଷି ଭିତ୍ତିଭୂମିର କ୍ଷୟକ୍ଷତି ଆକଳନ କରାଯାଉଛି। ପଶୁପାଳନ ପ୍ରାଣୀଧନର ଚିକିତ୍ସା ଓ ପଶୁଖାଦ୍ୟ ବଣ୍ଟନ ପାଇଁ ପଶୁ ଚିକିତ୍ସା ୟୁନିଟ୍ଗୁଡ଼ିକୁ ନିୟୋଜିତ କରାଯାଇଛି। ଟିପିଏନଓଡିଏଲ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ସହ କ୍ଷତିଗ୍ରସ୍ତ ଭିତ୍ତିଭୂମିର ମରାମତି ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ ଜାରି ରହିଛି। ସୂଚନାଯୋଗ୍ୟ ଯେ, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ରିଲିଫ କମିଶନଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରି ସମସ୍ତ ରିଲିଫ୍ କାର୍ଯ୍ୟ କରାଯାଉଛି।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସାଇବର କ୍ରାଇମ୍ ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୨୧/୯ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାଇବର ଅପରାଧ ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ ବିନାୟକ ଡ଼ିଗ୍ରୀ କଲେଜ, ସାମରାଏପୁର, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶ୍ରୀମତୀ ନେହା ଅଗ୍ରୱାଲ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଞ୍ଜୟ କୁମାର ତ୍ରିପାଠୀ, ମୁଖ୍ୟ ପରିଚାଳକ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭଦ୍ରକ, ରାଜେନ୍ଦ୍ର କୁମାର ଚୌଧୁରୀ, ଅଧ୍ୟାପକ (ଏମ୍.ଏସ୍.ଡ଼ବ୍ଲୁ), ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ, ସତ୍ୟକୁମାର ନନ୍ଦ, ଡ଼ି.ଏସ୍.ପି.




ଭଦ୍ରକ, ମନୋଜ କୁମାର ପାଢ଼ୀ, ନିର୍ଦ୍ଦେଶକ, ପ୍ରମୋଦ କୁମାର ରାଉତ, ନିର୍ଦ୍ଦେଶକ, ଡ଼. ଅଶୋକକୁମାର ପଣ୍ଡା ପିନ୍ସପାଲ, ବିନାୟକ ଡ଼ିଗ୍ରୀ କଲେଜ, ସାମରାଇପୁର, ଭଦ୍ରକ, ନାରାୟଣ ପ୍ରସାଦ ବେହେରା, ମୁଖ୍ୟ ଏଲ୍.ଏ.ଡ଼ିସି.ଏସ୍, ଭଦ୍ରକ, ଦୀପକ କୁମାର ସାହୁ, ପ୍ୟାନେଲ ଆଡ଼ଭୋକେଟ, ଭଦ୍ରକ, ରାଜୀବ କୁମାର ବାରିକ, ପ୍ୟାନେଲ ଆଡ଼ଭୋକେଟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ଲାଇନ୍ ମାଧ୍ୟମରେ କିପରି ସାଇବର ଅପରାଧ ଘଟୁଛି ସେ ସବୁ ସଂପର୍କରେ ସଚେତନତାମୂଳକ ତଥ୍ୟ ପ୍ରକାଶ କରିଥିଲେ । ସାଇବର ଅପରାଧର ଶିକାର ହେଉଥିବା ବ୍ୟକ୍ତି କିପରି ଧନ ଜୀବନ ନଷ୍ଟ ହୋଇଯାଏ ସେ ସଂପର୍କରେ ଭିଡ଼ିଓ ମାଧ୍ୟମରେ ମଧ୍ୟ ଉପସ୍ଥାପନ କରାଯାଇଥିଲା । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ସହଯୋଗ କରି ସଫଳ କରାଇଥିଲେ ।

# ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୨୧/୯ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ସେପ୍ଟେମ୍ବର ୧୭ ଠାରୁ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ଶନିବାର ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା,ସହକାରୀ ଯନ୍ତ୍ରୀ ସୌମ୍ୟ ମୁକୁଲ ବାରିକ,ସିପି ଅଜୟ କୁମାର ଦାସଅଧିକାରୀ, ସମାଜସେବୀ ଅଜୟ କୁମାର ସାହୁ,କନିଷ୍ଠ ଯନ୍ତ୍ରୀ ପଙ୍କଜ କୁମାର ତ୍ରିପାଠୀ,ବିଆରସି ସୁପ୍ରିୟା ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରେମାନନ୍ଦ ଚଇନି ପ୍ରମୁଖ ଯୋଗଦେଇ ବ୍ଲକ ପରିସରରେ ଝାଡୁ ଧରି ସଫେଇ କରିଥିଲେ। ଶେଷରେ ସମସ୍ତ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲିଚିଙ୍ଗ ସିଞ୍ଚନ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo